୨୫ତମ ସ୍ୱନକ୍ଷତ୍ର ଦିବସ ଅଭିନନ୍ଦନ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Vol.26 . No.03 Bhubaneswar Saturday February 04 2023 ୨୬ତମ ବର୍ଷ ସଂଖ୍ୟା–୦୩ ଭୁବନେଶ୍ୱର, ଶନିବାର, ଫେବୃଆରୀ ୦୪, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

ବିଜେଡିରେ ମିଶିବେ ତାରା, ଚାଲିଛି କ୍ଷେତ୍ର ପ୍ରସ୍ତୁତି

ଭୁବନେଶ୍ୱର,୩।୨(ପି.ଏନ୍ୟ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ବିଜେଡିରେ ସାମିଲ ହେବାର ସମ୍ଭାବନା ରହିଛି । ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଜି ଜୟପୁରକୁ ସରକାରୀ ଗସ୍ତ ସମୟରେ ସଭା ମଂଚ୍‌ରୁ ନବୀନ ପଟ୍ଟନାୟକ ଓ ତାଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନଙ୍କ ଗୁଣଗାନ ସହ ଯେଉଁ କିଛି ଦାବି ସେ ନିଜ ଭାଷଣରେ ରଖିଥିଲେ ତାକୁ ପୂରଣ ଦିଗରେ ସରକାରଙ୍କ ଦ୍ୱାରା ତତ୍କାଳ ପଦକ୍ଷେପ ନିଆଯିବା ଏବଂ ବିଶେଷକରି ବିଜେଡିର ବରିଷ୍ଠ ନେତା ରବି ନାରାୟଣ ନନ୍ଦଙ୍କୁ ମଂଚ୍‌ରୁ ଠେଲି ବିଦା କରାଯିବା ଘଟଣା ହିଁ ତାରାଙ୍କ ବିଜେଡିରେ ମିଶିବା ନିମନ୍ତେ ଚାଲିଥିବା କ୍ଷେତ୍ର ପ୍ରସ୍ତୁତିର ଅଂଶବିଶେଷ ବୋଲି ଚର୍ଚ୍ଚା । ଆଉ ତାରାଙ୍କ ଏଭଳି ଆଭିମୁଖ୍ୟ ପରେ କୋରାପୁଟ କଂଗ୍ରେସରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି । ସ୍ଥାନୀୟ କଂଗ୍ରେସ ନେତାମାନେ ଖୋଲାଖୋଲି ଭାବେ ତାରାଙ୍କ ଏଭଳି ଆଭିମୁଖ୍ୟକୁ ନାପସନ୍ଦ କରିଛନ୍ତି । ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କୋରାପୁଟ ଗସ୍ତରେ ଯାଇ ପ୍ରାୟ ୧୬୦୦କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବା ସହ ଜୟପୁର ବିକ୍ରମଦେବ ସ୍ୱୟଂଶାସିତ କଲେଜର ପ୍ଲାଟିନମ ଜୁବୁଲି ଉତ୍ସବରେ ସାମିଲ ହୋଇଥିଲେ । ସାଧାରଣତଃ ଯାହା ମୁଖ୍ୟମନ୍ତ୍ରୀଙ୍କ ସରକାରୀ କାର୍ଯ୍ୟକ୍ରମରେ ଦେଖିବାକୁ ମିଳେନି ସେଭଳି ଦୃଶ୍ୟ ପ୍ଲାଟିନମ ଜୁବୁଲି ଉତ୍ସବରେ ଦେଖିବାକୁ ମିଳିଥିଲା । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସ୍ଥାନୀୟ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ମାତ୍ରାଧିକ ଗୁରୁତ୍ୱ ମିଳିଥିଲା । ତାରା ନିଜ ଭାଷଣରେ ବାରମ୍ବାର ମୁଖ୍ୟମନ୍ତ୍ରୀ ଓ ତାଙ୍କ ବ୍ୟକ୍ତିଗତ ସଚିବ ପାଣ୍ଡିଆନଙ୍କୁ ପ୍ରଶଂସାରେ ପୋତି ପକାଇବା ସହ ବିକ୍ରମଦେବ କଲେଜକୁ ଗୋଟିଏ ଅଡିଟୋରିୟମ, ଗୁପ୍ତ ?ଶ୍ୱର ମନ୍ଦିରର ଉନ୍ନତିକରଣ, ଦମୟନ୍ତୀ ସାଗର ଓ ଜଗନ୍ନାଥ ସାଗରର ଉଦ୍ଧାର ଆଦି ନିମନ୍ତେ ଦାବି କରିଥିଲେ ।

ଟିଟିଲାଗଡ଼ରେ ନକଲି ୩୧ ଲକ୍ଷ ଟଙ୍କା ଜବତ, ଜଣେ ଗିରଫ

ବଲାଙ୍ଗିର,୩।୨(ପି.ଏନ):ଟିଟିଲାଗଡ଼ ଏକ୍ସିସ୍ ବ୍ୟାଙ୍କ୍ ନିକଟରୁ ଲିଙ୍ଗରାଜ ବେହେରା ନାମକ ଜଣେ ବ୍ୟକ୍ତିଙ୍କ ପାଖରୁ ଏସଟିଏଫ୍ ଦଳ ଗୋଟିଏ ଏୟାର ବ୍ୟାଗ୍ ଭିତରୁ ୩୧ ଲକ୍ଷ ଟଙ୍କା ଜବତ କରିଛନ୍ତି । ଘଟଣାରେ ସମ୍ପୃକ୍ତ ବ୍ୟକ୍ତିକୁ ଗିରଫ କରାଯାଇଛି । ସେ ଏକ ବାଇକ ରେ ଆସି ସେଠାରେ ଠିଆ ହୋଇଥିବା ବେଳେ ଅନୁସନ୍ଧାନକାରୀ ଦଳ ହାବୁଡରେ ପଡିଥିଲା । ଏସଟିଏଫ୍ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରି ରହିଛି ।

ରୋଗୀଙ୍କୁ ହସପିଟାଲରୁ ଔଷଧ ମିଳୁନାହିଁ

ଗଞ୍ଜାମ, ୩।୨(ପି.ଏନ): ବ୍ରହ୍ମପୁର ସିଟି ହସପିଟାଲ୍ ଉପରେ ବ୍ରହ୍ମପୁର ସହର ସମେତ ଜିଲାର ହଜାର ହଜାର ରୋଗୀ ନିର୍ଭର କରନ୍ତି ।କିନ୍ତୁ, ଏଠାରେ ଡାକ୍ତର ଲେଖୁଥିବା ସରକାରୀ ଔଷଧ ରୋଗୀମାନଙ୍କୁ ମିଳୁନଥିବା ଅଭିଯୋଗ ହେଉଛି । ଫଳରେ ରୋଗୀମାନେ ବାହାରୁ ଔଷଧ କିଣିବାକୁ ବାଧ୍ୟ ହେଉଛନ୍ତି । ପ୍ରାୟ ତିନି ମାସ ହେଲା ଉଚ୍ଚ ରକ୍ତଚାପ ଭଳି ଅତ୍ୟାବଶ୍ୟକ ଔଷଧ ବରିଷ୍ଠ ନାଗରିକ ରୋଗୀଙ୍କୁ ଯୋଗାଇ ଦିଆଯାଉନାହିଁ, ବରିଷ୍ଠ ନାଗରିକମାନେ ହସପିଟାଲ ବାହାରୁ କିଣିବାକୁ ବାଧ୍ୟ ହେଉଛନ୍ତି । ଏହି ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେବାରେ ଲାଗିଛି । ଗଂଜାମ ଜିଲା ଚିକିତ୍ସାଧିକାରୀ ଘଟଣାର ତଦନ୍ତ କରିବାକୁ ଦାବି ହେଉଛି ।

ଆଉ ୨୪ ଘଂଟା ଶୀତଲହରୀ

ଭୁବନେଶ୍ୱର, ୩।୨(ପି.ଏନ): ରାଜ୍ୟ ମଧ୍ୟକୁ ପ୍ରବେଶ କରୁଥିବା ଉତର ତଥା ଉତର-ପଶ୍ଚିମ ଦିଗରୁ ଶୁଷ୍କ-ଥଣ୍ଡା ବାୟୁ ପ୍ରଭାବରେ, ଆଗାମୀ ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା ଏବଂ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଶୀତ ଲହରୀର ସମ୍ଭାବନା ରହିଛି ।

ଜେଏସପି ଫାଉଣ୍ଡେସନ ଦ୍ୱାରା ବଡ଼ବିଲଠାରେ ଅତ୍ୟାଧୁନିକ ହସ୍ପିଟାଲର ଭିତ୍ତି ପ୍ରସ୍ତର ସ୍ଥାପନ

ଯୋଡା / ବଡ଼ବିଲ,୩।୨(ପି.ଏନ): ଗ୍ରାମାଞ୍ଚଳ ତଥା ଆଦିବାସୀ ଅଞ୍ଚଳର ଲୋକଙ୍କ ଜୀବନଧାରଣ ମୂଲ୍ୟରେ ଉନ୍ନତି ଆଣିବା ଲକ୍ଷ୍ୟରେ ଜିନ୍ଦଲଷ୍ଟିଲ ଆଣ୍ଡ ପାୱାର (ଜେଏସପି) ରସାମାଜିକଶାଖା, ଜେଏସପି ଫାଉଣ୍ଡେସନ, କେନ୍ଦୁଝର ଜିଲ୍ଲାର ଠାରେ ଏକ ଅତ୍ୟାଧୁନିକ ହସ୍ପିଟାଲ, 'ଜିନ୍ଦଲ ଆରୋଗାମହସ୍ପିଟାଲ'ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି । ଜେଏସପି ଅଧକ୍ଷ ଶ୍ରୀ ନବୀନ ଜିନ୍ଦଲ ଏବଂ ଜେଏସପି ଫାଉଣ୍ଡେସନର ଚେୟାର ପର୍ସନ ଶ୍ରୀମତୀ ଶାଲୁଜିନ୍ଦଲ ଭୁମି ପୂଜନ କରି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଡାକ୍ତରଖାନା ୧୮ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ । ସହ ଲୋକମାନଙ୍କୁ ଅତ୍ୟାଧୁନିକ ଚିକିତ୍ସାସୁବିଧା ଯୋଗାଇ ଦେବ । ଏହି ଅବସରରେ ଶ୍ରୀ ଜିନ୍ଦଲ କହିଛନ୍ତି, "ଲୋକଙ୍କ ଉନ୍ନତ ମାନର ଜୀବନଧାରଣ ତଥା ସ୍ୱାସ୍ଥ୍ୟ ଜାତୀୟ ବିକାଶ ପାଇଁ ଏକ ପ୍ରମୁଖ ଆବଶ୍ୟକତା । ସୁସ୍ଥ ସମାଜଗଠନ ପାଇଁ ଏହି ଡାକ୍ତରଖାନା ଆମର ଏକ ପ୍ରମୁଖପ୍ରୟାସ" । ସେ ଆହୁରି ମଧ୍ୟ କହିଛନ୍ତି ଯେ, ସ୍ୱାଭାବିକଭାବେ ସୁସ୍ଥ ରହିବ ପାଇଁ ତାଜା ପୁଷ୍ଟିକର ଖାଦ୍ୟ ଓ ନିୟମିତ ବ୍ୟାୟାମ ନିହାତି ଦରକାର । ସମାବେଶକୁ ସମ୍ବୋଧିତ କରି, ଶ୍ରୀମତୀ ଜିନ୍ଦଲ କହିଛନ୍ତି, "ଜିନ୍ଦଲ ଆରୋଗ୍ୟମ୍ ହସ୍ପିଟାଲ୍ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇ ସ୍ଥାନୀୟ ଲୋକଙ୍କ ଜୀବନ ଧାରଣ ମୂଲ୍ୟରେ ଉନ୍ନତି ଆଣି ବାଦିଗରେ କାର୍ଯ୍ୟକରିବ । ଏହା ଉନ୍ନତ ସ୍ୱାସ୍ଥ୍ୟ ସେବାକୁ ସମସ୍ତଙ୍କ ପାଇଁ ସହଜ ଏବଂ ସୁଲଭ କରିବ" । ଏହି ହସ୍ପିଟାଲ ସମଗ୍ରଦେଶର ଗରିବ ଓ ଅସହାୟ ଲୋକଙ୍କୁ ମାଗଣ । ଡାକ୍ତରୀ ପରାମର୍ଶ ଏ ବ ଂ ଚିକିତ୍ସା ସୁବିଧା ଯୋଗାଇବ ବୋଲି ସେ କହିଛନ୍ତି । ଆରମ୍ଭ ହେବାକୁ ଥିବା ଏହି ହସ୍ପିଟାଲରେ ୧୯ଟି ଶଯ୍ୟା ରହିବ ଏବଂ ସର୍ଜରୀ, ସ୍ତ୍ରୀ ରୋଗ ଏବଂ ପେଡିଆଟ୍ରିକ୍ସ, ମେଡିସିନ୍ର ବିଶେଷ ବିଭାଗରେ ନିୟମିତ ଚିକିତ୍ସା ସେବା ଯୋଗାଇ ଦିଆଯିବ । ପରାମର୍ଶ ଏବଂ ଚିକିତ୍ସା ପାଇଁ ହୃଦ୍ ରୋଗ, ଦନ୍ତ ଚିକିତ୍ସା, ଅର୍ଥପେଡିକ୍ସ, ଗ୍ୟାଷ୍ଟ୍ରୋଏ ଣ୍ଟେରୋଲୋଜି ଏବଂ ଚକ୍ଷୁବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ପରିଦର୍ଶନ ମଧ୍ୟ ଉପଲବ୍ଧହେବ । ହସ୍ପିଟାଲରେ ଆଧୁନିକ କାର୍ଯ୍ୟକ୍ଷମ ଡାଇଗ୍‌ନୋଷ୍ଟିକ୍ ଏବଂ ପାଥୋଲୋଜିକାଲ୍ ବିଧା ଉପଲବ୍ଧ ହେବ । ଲୋକମାନେ ଏକ୍ସ-ରେ, ଇସିଜି, ଇକୋ, ଟିଏମଟି, ଅଲଟ୍ରାସୋନୋଗ୍ରାଫି ଏବଂ ପାଥୋଲାବ ଏବଂ ଅନ୍ୟାନ୍ୟ ଆଧୁନିକ ସେବା ପାଇ ପାରିବେ । ବଡ଼ବିଲ ପେଲେଟ ପ୍ଲାଣ୍ଟ ଏବଂ କାସିଆ ଆଇରନ୍ସ୍ଟ ଣିରପାରି ପାର୍ଶ୍ୱିକ ଗ୍ରାମଗୁଡିକର ସମସ୍ତ ଅଭାବୀ ଲୋକଙ୍କୁ ମାଗଣା ପରାମର୍ଶ ଏବ ଂ ଚିକିତ୍ସା ଯୋଗାଇଦିଆଯିବ ଏହି ଅବସରରେ ବିଧାୟକ, ଚମ୍ପୁଆ ଶ୍ରୀମତୀ ମୀନାକ୍ଷୀମହନ୍ତ, ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, କୃଷିଏ ବଂ କ୍ରୀଡାଏ ବଂ ସଂସ୍କୃତି କ୍ଷେତ୍ରରେ ସିଏସଆର କାର୍ଯ୍ୟକ୍ରମ ପାଇଁ ଜେଏସପିକ ପ୍ରଶଂସା କରିଥିଲେ ଏବଂ ବଡ଼ବିଲରେ ଏକ ଗୁଣାତ୍ମକ ଆଧୁନିକ ହସ୍ପିଟାଲର ପଦକ୍ଷେପକୁ ପ୍ରଶଂସା କରିଥିଲେ । ପଦ୍ମଶ୍ରୀଡ. ତୁଳସୀ ମୁଣ୍ଡା ବଡ଼ବିଲରେ ଜେଏ ସପି ଦ୍ୱାରା ଲୋକମାନଙ୍କର ଜୀବ ନଧାରଣ ମୂଲ୍ୟରେ ଉନ୍ନତି ଆଣିବା ପାଇଁ ନିରନ୍ତର ପ୍ରୟାସ ମୁଖ୍ୟତ ଆଦିବାସୀ ପିଲ ।ମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ କଦିଗରେ ନିଆ ଯାଉଥିବା ସବୁ ପଦକ୍ଷେପ ପାଇ ଅଁଧକ୍ଷ ଶ୍ରୀନବୀନ ଜିନ୍ଦଲଙ୍କୁ ପ୍ରଶଂସା କରିଥିଲେ । ଏହି ଅଞ୍ଚଳର ଲୋକଙ୍କୁ ଚିକିତ୍ସା ସେବା ଯୋଗାଇବା ପାଇଁ ଏକ ଆଧୁନିକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଫାଉଣ୍ଡେସନର ପଦକ୍ଷେପକୁ ସେ ଗଭୀର ପ୍ରଶଂସା କରିଥିଲେ । ଶ୍ରୀ ଆଶିଷପାଣ୍ଡେ, ମୁଖ୍ୟ – ପେଲେଟ ଓ ଆଇରନ୍ ଓ ରବିଜିନେସ, ଜେଏସପି ଧନ୍ୟବାଦ ଅର୍ପଣ କରିବା ସହ ବଡ଼ବିଲ, ଜୋଡା ଏବଂ ଚମ୍ପୁ ଆର ପ୍ରତ୍ୟେକ ବାସିନ୍ଦା ଏବଂ ସରକାରୀ ଅଧିକାରୀଙ୍କ ନିକଟରୁ ଏହି ଡାକ୍ତରଖାନା ନିର୍ମାଣ ଏବଂ ପରିଚାଳନା ପାଇଁ ସହାୟତା ମାଗିଥିଲେ । ଜେଏସପିର ବଡ଼ ବିଲ ୟୁନିଟ୍‌ମୁଖ୍ୟ, ଶ୍ରୀଏମ୍.ଡି. ପୁରୁଷୋତ୍ତମ, ଶ୍ରୀ ଅଜିତ କୁମାର ପାତ୍ର, କାସିଆ ଆଇର ନ୍ସ୍ଲାଇନ୍ସ୍, ମୁଖ୍ୟ, ମାନବ ସମ୍ବଳ ବିଭାଗମୁଖ୍ୟ, ଶ୍ରୀସରତ କିଶୋର ପଣ୍ଡା ଓ କମ୍ପାନୀର ଅନ୍ୟ ସମସ୍ତ କମ୍ପାନୀର ବରିଷ୍ଠ ଅଧିକାରୀ ସମାରୋହ ଆୟୋଜନ କରିବାରେ ସମର୍ଥନ ଯୋଗାଇ ଦେଇଥିଲେ । କମ୍ପାନୀର ସଭାପତି ତଥା ସିଏସ୍‌ଆର୍‌ମୁଖ୍ୟ ଏବଂ କର୍ପୋରେଟ୍ ଯୋଗାଯୋଗ ବିଭାଗ ମୁଖ୍ୟ – ଓଡିଶା, ଶ୍ରୀ ପ୍ରଶାନ୍ତ ହୋତା ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଗତ ୨୪ ଘଂଟା ମଧ୍ୟରେ ତଳ ମୁହାଁ ପାରଦ

ଭୁବନେଶ୍ୱର, ୩।୨(ପି.ଏନ): ରାଜ୍ୟ ମଧ୍ୟକୁ ପ୍ରବେଶ କରୁଥିବା ଉତର ତଥା ଉତର-ପଶ୍ଚିମ ଦିଗରୁ ଶୁଷ୍କ-ଥଣ୍ଡା ବାୟୁ ପ୍ରଭାବରେ ଗତ ୨୪ ଘଂଟା ମଧ୍ୟରେ ତଳ ମୁହାଁ ହୋଇଛି ପାରଦ । ସର୍ବନିମ୍ନ ରାତ୍ରି ତାପମାତ୍ରା ଫୁଲବାଣୀରେ ୫.୦ ଡ଼ିଗ୍ରୀ ତଳକୁ ଖସିଛି । ସେହିପରି ଜି. ଉଦୟଗିରିରେ ରାତ୍ରି ତାପମାତ୍ରା ୪.୬ ଡ଼ିଗ୍ରୀ ତଳକୁ ଖସିଛି ।

କେନ୍ଦ୍ରୀୟ ବଜେଟରେ ଓଡିଶାକୁ ୧୦ ହଜାର ୧୨ କୋଟି ଟଙ୍କାର ବ୍ୟବସ୍ଥା : ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ, ୩।୨(ପି.ଏନ): ଚଳିତ ବର୍ଷ କେନ୍ଦ୍ରୀୟ ବଜେଟରେ ଓଡିଶାରେ ରେଳ ବାବଦରେ ରାଜ୍ୟ ସରକାର ରାଜ୍ୟ ସରକାର ମାଗିଥିଲେ ୮ ହଜାର ୪୦୦ କୋଟି ଦାବି କରିଥିବା ବେଳେ କେନ୍ଦ୍ର ସରକାର ତା ଠାରୁ ଅଧିକ ରାଶିର ବ୍ୟବସ୍ଥା କରିଛନ୍ତି । କେନ୍ଦ୍ରୀୟ ବଜେଟରେ ଓଡିଶାକୁ ୧୦ ହଜାର ୧୨ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।ନୂଆଦିଲ୍ଲୀ ଠାରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ ଏହା କହିଛନ୍ତି । ସେ କହିଛନ୍ତି ଯେ କେନ୍ଦ୍ର ସରକାର ନୂଆ ଲାଇନ ପାଇଁ ୨୫୬୪ କୋଟି, ଡବଲିଂ ପାଇଁ ୩୮୦୦ କୋଟି ଦେଇଛନ୍ତି । ଚଳିତ ବର୍ଷ ୨୮୦ କିମି ରେଳପଥ ନିର୍ମାଣ କରାଯିବ ।୫୭ଟି ଷ୍ଟେସନର ଆଧୁନିକୀକରଣ କରାଯିବ । ସେହିପରି ପୂର୍ବତଟ ରେଳପଥ ଜେନେରାଲ ମ୍ୟାନେଜର ମଧ୍ୟ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି । ପୁରୀ ଲାଗି ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଛି । ବିମାନବନ୍ଦରରୁ ଭକ୍ତମାନେ ବ୍ୟାଟେରୀ ଚାଳିତ ଗାଡ଼ିରେ ଲିଙ୍ଗରାଜ ରୋଡ୍ ଷ୍ଟେସନ ଆସି ସେଠାରୁ ଟ୍ରେନରେ ସିଧାସଳଖ ପୁରୀ ଯାଇପାରିବେ । ଏଥିପାଇଁ ଲିଙ୍ଗରାଜ ରୋଡ୍ ଷ୍ଟେସନର ଆଧୁନୀକିକରଣ କାର୍ଯ୍ୟ କରାଯାଉଛି । ବନ୍ଦେ ଭାରତ ଟ୍ରେନ୍ ଭଳି ବନ୍ଦେ ଭାରତ ମେଟ୍ରୋ ୩୫-୫୦ କିମି ଥିବା ଷ୍ଟେସନ ଭିତରେ ଚାଲିବ । ଓଡ଼ିଶାରେ ପ୍ରଥମ ବନ୍ଦେ ଭାରତ ମେଟ୍ରୋ ଲିଙ୍ଗରାଜରୋଡ୍-ପୁରୀ ଭିତରେ ଚାଲିବା ଯୋଜନା ହୋଇଛି ।

ନବ ଦାସ ହତ୍ୟା ମାମଲାରେ ମୁହଁ ଖୋଲିଲେ ଡିଜିପି

ଭୁବନେଶ୍ୱର,୩।୨(ପି.ଏନ): ମନ୍ତ୍ରୀ ନବ ଦାସଙ୍କୁ କାହିଁକି ହତ୍ୟା କଲା ବହିଷ୍କୃତ ପୁଲିସ ଏଏସ୍‌ଆଇ ଛକ ମଝିରେ ସ୍ପଷ୍ଟ ଦିବା ଲୋକରେ ଓ ସମର୍ଥକଙ୍କ ଭିତରେ ପଶି କାହିଁକି ପ୍ରଭାବଶାଳୀ ମନ୍ତ୍ରୀଙ୍କୁ ପଏଣ୍ଟ ବ୍ଲାଙ୍କରେ ଗୁଳିକଲା ଗୋପାଳକୃଷ୍ଣ ଦାସ ତାହା କେବଳ ସେହି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଜଣା । ରାଜ୍ୟର ଜଣେ ପାୱାରଫୁଲ୍ ମନ୍ତ୍ରୀଙ୍କୁ ଗୁଳିକାଣ୍ଡର ୬ଦିନ ପରେ ମୁହଁ ଖୋଲି ଆଜି ଏକଥା କହିଛନ୍ତି ଡିଜିପି ସୁନୀଲ୍ ବଂଶଲ । କେବଳ ଏତିକି ନୁହେଁ, ଡିଜିପି ଆହୁରି କହିଛନ୍ତି- ହତ୍ୟାର ଉଦ୍ଦେଶ୍ୟ ଓ ଅପରାଧର ରହସ୍ୟ ଜାଣିବାକୁ ହେଲେ ଆଉ ୨ରୁ ୪ ଦିନ ନୁହଁ, ବରଂ ଆହୁରି କିଛିଦିନ ଲାଗିବ ବୋଲି କହିଛନ୍ତି । ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଜେ.ପି.ଦାସଙ୍କ ମନିଟରିଂରେ ତଦନ୍ତ ଚାଲୁ ରହିଛି । ମାମଲାରେ ତଦନ୍ତରେ ପୂର୍ଣ୍ଣତା ଆସିବାକୁ ହେଲେ ଟିକେ ସମୟ ଲାଗିବ । କେନ୍ଦ୍ରର ସହଯୋଗ ନିଆଯିବ । ଗୃହ ମନ୍ତ୍ରାଳୟ ସହ କଥା ହୋଇଛି । ଗୃହ ମନ୍ତ୍ରାଳୟ ମଧ୍ୟ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ତଦନ୍ତରେ ସହଯୋଗ କରିବାକୁ CFSL ଟିମ୍ ଆସିପାରେ ବୋଲି କହିଛନ୍ତି ଡିଜିପି ସୁନୀଲ ବଂଶ ।

ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ନଗଦ ୫ ଲକ୍ଷ ଟଙ୍କା ସହ କୋଟିଏରୁ ଅଧିକ ମୂଲ୍ୟର ସୁନା ଅଳଙ୍କାର ଲୁଟ୍

ଢ଼େଙ୍କାନାଳ, ୩।୨(ପି.ଏନ): ଢ଼େଙ୍କାନାଳ ଜିଲ୍ଲା ମହାବିରୋଡ଼ସ୍ଥିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ନଗଦ ୫ ଲକ୍ଷ ଟଙ୍କା ସହ କୋଟିଏରୁ ଅଧିକ ମୂଲ୍ୟର ସୁନା ଅଳଙ୍କାର ଲୁଟ୍ ହୋଇଛି । ଆଜି ଅପରାହ୍ନ ପ୍ରାୟ ୨ଟା ସମୟରେ ଏହି ଲୁଟ୍ ହୋଇଛି । ଦୁଇଟି ପଲସର ବାଇକ୍ ରେ ଆସିଥିବା ୪ ଜଣ ଦୁର୍ବୃତ୍ତ ବ୍ୟାଙ୍କରେ ପଶିଥିଲେ । ଫାଙ୍କା ଗୁଳି ଫୁଟାଇ ସମସ୍ତଙ୍କୁ ଭୟଭିତ କରିବା ସହ କ୍ୟାସିୟର ଓ ଅନ୍ୟ କର୍ମଚାରୀଙ୍କ ଠାରୁ ଏ ସମସ୍ତ ଟଙ୍କା ଓ ସୁନା ଧରି ଫେରାର ହୋଇ ଯାଇଥିବା ଅଭିଯୋଗ ହୋଇଛି । ଲୁଟ୍ ହୋଇଥିବା ସୁନା ଅଳଙ୍କାରଗୁଡ଼ିକ ପ୍ରାୟ ୫ ଶହଟି ପ୍ୟାକେଟରେ ୪ଟି ଟ୍ରଙ୍କରେ ଥିଲା । ଏହି ୪ଟି ଟ୍ରଙ୍କକୁ ଦୁର୍ବୃତ୍ତମାନେ ଉଠାଇ ନେଇଥିବା ମହାବିରୋଡ଼ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାର ମ୍ୟାନେଜର ଅନୁରାଗ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ବିକ୍ରମଦେବ କଲେଜର ପ୍ଲାଟିନମ ଜୁବୁଲି ଉତ୍ସବ : ଭିତ୍ତିଭୂମି ହିଁ ବିକାଶର ଆଧାର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୨(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଜୟପୁରର ବିକ୍ରମଦେବ ସ୍ୱୟଂଶାସିତ କଲେଜର ପ୍ଲାଟିନମ ଜୁବୁଲି ଉତ୍ସବରେ ଯୋଗ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଗତକାଲି ମୁଖ୍ୟମନ୍ତ୍ରୀ ବିକ୍ରମଦେବ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଗଲା ବୋଲି ଘୋଷଣା କରିଥିଲେ । ଆଜି ମୁଖ୍ୟମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ ଛାତ୍ରଛାତ୍ରୀମାନଙ୍କୁ ଏ ଘୋଷଣା ସଂପର୍କରେ ଉଲ୍ଲେଖକରି କହିଥିଲେ 'ଆପଣମାନେ ଖୁସି ତ?' ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ବିପୁଳ ଉତ୍ସାହ, ଆନନ୍ଦ, ଉଲ୍ଲାସ ଓ କରତାଳି ମଧ୍ୟରେ ସ୍ୱାଗତ କରିଥିଲେ । ଏହି ଘୋଷଣା ପାଇଁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଏକ ଅତ୍ୟାଧୁନିକ ଅଡିଟୋରିଅମ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ । ଏ ସଂପର୍କରେ ଅଧିକ ସୂଚନା ଦେଇ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ କହିଥିଲେ ଯେ ଏହି ଅଡିଟୋରିଅମ ୧୦୦୦ ଆସନ ବିଶିଷ୍ଟ ହେବ ଏବଂ ଏଥିପାଇଁ ୮ କୋଟି ଟଙ୍କା ବିନିଯୋଗ କରାଯିବ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା ଆମ ଭିତରେ ଥିବା ସଂଭାବନାକୁ ବୃଦ୍ଧି କରିଥାଏ । ଯୁବସମାଜ ଉପରେ ତାଙ୍କର ପୁରା ଆସ୍ଥା ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣମାନେ ଭଲ ପାଠ ପଢନ୍ତୁ ଏବଂ ସମାଜ ସହିତ ଯୋଡି ହୋଇ ରୁହନ୍ତୁ । ନିଜର ତଥା ନିଜ ପରିବାରର ଏବଂ ସାରା ଓଡିଶାର ସ୍ୱପ୍ନ ପୂରଣ କରିବା ପାଇଁ ଉଦ୍ୟମ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ ।କୋରାପୁଟ ତାଙ୍କ ପାଇ ସବୁବେଳେ ସ୍ୱତନ୍ତ୍ର ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ର

ଟି ଟାଇମ୍

ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ । ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ । ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି । କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ । ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ । ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ । ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ । ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି । ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି । ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ । ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି । ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି । ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି ।

୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର । ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍ । କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ । ସୁନାରେ ପ୍ରସ୍ତୁତ ଚକୋଲେଟ୍ । ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ

। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

ପୁରାଣ କାହାଣୀ

ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର

ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ । ଏଭଳି ପରିସ୍ଥିତିରେ କାର୍ତ୍ତବିୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ । ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ । ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ । ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଜିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଦକ ରଖିଥାନ୍ତି । ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି । ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ । ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି । ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ

ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି । ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି । କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ । କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି । ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି । ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି ।

ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି । ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ

ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି । ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି । ମାମଲାଟି ୨୦୧୨ ମସିହାର । ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା । ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ । ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ । ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ । ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ । ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି । ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା । ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ । ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି ।

ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି । ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି । ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି । ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି ।

ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି । ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି । ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା । ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି । ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି । ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି ।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ପୋମିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରୀ ସାବ୍ୟସ୍ତ ହୋଇପାରେ । ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ । ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ

ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି । ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ । ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ । ଯାହା ସାଧାରଣତଃ ହାନିକାରକ ନୁହେଁ । କିନ୍ତୁ

ଜୟ ପଣ୍ଡାଙ୍କ ରାଜନୀତିକ ଭାଗ୍ୟ !

•••••••ଶରତ କୁମାର ରାଉତ•••••••

ସାମ୍ପ୍ରତିକ ରାଜନୀତିରେ ନେତାଙ୍କୁ ଚିହ୍ନିବା ସହଜ ନୁହେଁ। ସାଧାରଣତଃ ତୃଣମୂଳ ସ୍ତରରେ

ଲୋକଙ୍କ ସେବା କରି, ଲୋକଙ୍କ ସୁଖ-ଦୁଃଖରେ ଏକାକାର ହୋଇ ନେତା ପାଲଟି ଥିବା ବ୍ୟକ୍ତି ହିଁ ବାସ୍ତବ କ୍ଷେତ୍ରରେ ଲୋକପ୍ରତିନିଧି ହେବାକୁ ଯୋଗ୍ୟ ହୋଇ ଥାଏ। ଲୋକେ ରାଜନେତାଙ୍କ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ଓ କପୋଳକଳ୍ପିତ କଥାରେ ସାଧାରଣ ଲୋକଙ୍କ ସମର୍ଥନ ମିଳେନାହିଁ। ବିକାଶ ମୂଳକ କାର୍ଯ୍ୟ ଏବଂ ସାଧାରଣ ଲୋକ ମାନଙ୍କର ମଙ୍ଗଳ ପାଇଁ ନିଷ୍ଠାପର କାର୍ଯ୍ୟ କରି ଚାଲିଲେ, ଯିଏ କେହି ଲୋକଙ୍କ ବିଶ୍ୱାସଭାଜନ ହୋଇଥାଏ। ସାଧାରଣତଃ କୁହାଯାଇଥାଏ, ଭାରତୀୟ ଗଣତନ୍ତ୍ରର ମନ୍ଦିର ଗୁଡ଼ିକୁ ଆମେ ଗଣତାନ୍ତ୍ରିକ ସଂସ୍କାର ଥିବା ଓ ସଂସଦ ବା ବିଧାନସଭାରେ ଲୋକଙ୍କ ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଦୃଷ୍ଟିକୋଣକୁ ଗଣତାନ୍ତ୍ରିକ ଢ଼ଙ୍ଗରେ ଉପସ୍ଥାପିତ କରି ପାରୁଥିବା ବ୍ୟକ୍ତିମାନଙ୍କୁ ନିର୍ବାଚିତ କରି ପଠାଇବା ଉଚିତ। କାରଣ ସେମାନେ ଆମର ପ୍ରତିନିଧି, ପ୍ରବକ୍ତା ଓ ସୁଖ-ଦୁଃଖର ସାଥୀ ମଧ୍ୟ। ଯେତେବେଳେ ସୁଯୋଗ୍ୟ ନେତାମାନେ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୁଅନ୍ତି, ସେତେବେଳେ ସଂପୃକ୍ତ ଅଂଚଳ ତଥା ସାଧାରଣ ଲୋକଙ୍କ ଉନ୍ନତି ହେବା ସହ ସେହି ନେତା ନିଜ ନିର୍ବାଚନ କ୍ଷେତ୍ରରେ ଅପରାଜେୟ ହୋଇ ଯାଆନ୍ତି। ସମସ୍ତ ରେକର୍ଡ଼ ଭାଙ୍ଗି ରାଜ୍ୟ ଓ ଦେଶରେ ଇତିହାସ ସୃଷ୍ଟି କରନ୍ତି ! ଚିରଦିନ ପାଇଁ ଲୋକମାନଙ୍କ ମନରେ ସେମାନେ ସ୍ମରଣୀୟ ହେଇ ରହନ୍ତି। ସେହିଭଳି ଜଣେ ନେତା ହେଲେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା। ଆମେରିକାରେ ପାଠପଢା ଶେଷ ପରେ ବୈଜୟନ୍ତ ବାବୁ ଶିଳ୍ପ କ୍ଷେତ୍ରରେ ନିଜର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଧୀରେଧୀରେ ସେ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ। ବୈଜୟନ୍ତ ବାବୁ ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣ ଆନ୍ଦୋଳନ ସହିତ ନିଜକୁ ସାମିଲ କରିଛନ୍ତି। କେବଳ କେନ୍ଦ୍ରାପଡ଼ା କି ଓଡ଼ିଶା ନୁହେଁ, ଜାତୀୟ ରାଜନୀତି କ୍ଷେତ୍ରରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଏପରିକି ଜଣେ ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ତଥା ଅଭିଜ୍ଞ ସାଂସଦ ଭାବେ ତାଙ୍କର ରାଜନୀତିକ ଓ ସଂସଦୀୟ କାର୍ଯ୍ୟଦକ୍ଷତା ତାଙ୍କୁ ଆପେ ଜାତୀୟ ରାଜନୀତି ମଂଚରେ ଛିଡ଼ା

କରି ଦେଇଛି।୨୦୦୦ ଓ ୨୦୦୬ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡ଼ି ରାଜ୍ୟସଭା ସଂସଦୀୟ ଦଳର ନେତା ପଦରେ ଅଧିଷ୍ଠିତ ହୋଇଥିଲେ। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ସେ ବିଜେଡ଼ି ଟିକଟରେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରୁ ନିର୍ବାଚିତ ହୋଇ ବିଭିନ୍ନ ସଂସଦୀୟ କମିଟିର ଜଣେ ପ୍ରମୁଖ ସଦସ୍ୟ ଭାବେ ନିଜର ଦାୟୀତ୍ୱ ସଫଳତାର ସହ ତୁଲାଇ ଥିଲେ।

ସଂସଦ ଅଧିବେଶନରେ ବୈଜୟନ୍ତ ବାବୁଙ୍କର କାର୍ଯ୍ୟଶୈଳୀ, ପ୍ରଭାବୀ ବକ୍ତୃତା ଓ ଜାତୀୟସ୍ତରୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ ତଥା ସଂସଦ ବାହାରେ, ନିଜ ରାଜ୍ୟରେ ଓ ନିଜ ନିର୍ବାଚନ ମଣ୍ଡଳୀରେ ତାଙ୍କର ଲୋକାଭିମୁଖୀ କାର୍ଯ୍ୟ ଅଦ୍ୱିତୀୟ। ସଂସଦ ଅଧିବେସନରେ ପ୍ରଶ୍ନ-ଉତର, ବଜେଟ୍, ବିଧେୟକ, ଧ୍ୟାନାକର୍ଷଣ, ସ୍ଥଗନ, ଚର୍ଚ୍ଚା ଭଳି ମହତ୍ୱପୂର୍ଣ୍ଣ ଆଲୋଚନାରେ ବୈଜୟନ୍ତବାବୁ ଉପସ୍ଥିତ ରହି ସବୁଥିରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି। ଦେଶରେ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟା ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସିଛନ୍ତି। ଏଥିପାଇଁ ମଧ୍ୟ ସେ ସଂସଦରେ ଅନେକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଛନ୍ତି। ୨୦୧୧ରେ ବୈଜୟନ୍ତ ବାବୁଙ୍କ ସମେତ ଏକ ଉଚ୍ଚସ୍ତରୀୟ ଯୁବ ସଂସଦୀୟ ଦଳ "ସିଟିଜେନ୍ସ ଆଲିଆନ୍ସ ଏଗ୍‌ନେଷ୍ଟ ମାଲ୍‌ନ୍ୟୁଟ୍ରିସନ୍" ଶିଶୁ ପୁଷ୍ଟିହୀନତାର କାରଣ ସଂପର୍କରେ ସାରା ଭାରତରେ ବୁଲି ମା', ଶିଶୁ, ଅଙ୍ଗନୱାଡ଼ୀ କର୍ମୀ ଓ ସରକାରୀ କର୍ମକର୍ତାଙ୍କୁ ଭେଟିଥିଲେ। ଏହି ଦଳ ୧ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ଓ ୭୪ ହଜାରରୁ ଊର୍ଦ୍ଧ୍ୱ ମା'ଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହା ଦେଶର ସବୁଠୁ ବଡ଼ ପୁଷ୍ଟିହୀନତା ସର୍ଭେ ଥିଲା। ୨୦୧୩ରେ ରାଜନୀତିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଥିବା ଅପରାଧିକ ମାମଲାର ବିଚାର ପାଇଁ ସ୍ପେଶିଆଲ୍ ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ ପାଇଁ, ୨୦୧୩ରେ ରାଜନୀତିରେ ଅପରାଧୀକରଣ ନିୟନ୍ତ୍ରଣ ପାଇଁ, ୨୦୧୪ରେ ଜଣେ ବ୍ୟକ୍ତି ଏକସମୟରେ ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ର ଉଭୟରୁ ନିର୍ବାଚିତ ହୋଇ ପରେ ଯେଉଁ ଆସନରୁ ଇସ୍ତଫା ଦେବେ, ସେଠାରେ ଦ୍ୱିତୀୟ ସ୍ଥାନ ଦଖଲ କରିଥିବା ପରାଜିତ ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷିତ କରିବାକୁ ସଂସଦରେ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଥିଲେ।

ସୂଚନାଯୋଗ୍ୟ ଯେ, ୨୦୧୮ଜାନୁୟାରୀ ୨୪ ତାରିଖରେ ତାଙ୍କୁ ବିଜେଡ଼ିର ପ୍ରାଥମିକ ସଭ୍ୟ ପଦରୁ ନିଲମ୍ବନ କରାଯାଇଥିଲା, ଯାହାକୁ କେନ୍ଦ୍ରାପଡ଼ାର ସଚେତନଶୀଳ ନାଗରିକମାନେ ଗ୍ରହଣ କରିପାରି ନଥିଲେ। ତା.୨୮.୦୫.୨୦୧୮ରିଖରେ ବିଭିନ୍ନ କାରଣ ଦର୍ଶାଇ ବୈଜୟନ୍ତବାବୁ ବିଜେଡ଼ିରୁ ଇସ୍ତଫା ଦେଇଥିଲେ ଓ ତା.୧୨.୦୬.୨୦୧୮ ରିଖରେ ଲୋକସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ତେବେ ୨୦୧୯ ମାର୍ଚ୍ଚ ୪ ତାରିଖରେ ସେ ବିଜେପିରେ ଯୋଗ ଦେଇଥିଲେ। ଏହାର ମାତ୍ର ଚାରିଦିନ ପରେ ମାର୍ଚ୍ଚ ୮ ତାରିଖରେ ତାଙ୍କୁ ଅତି ଗୁରୁତ୍ୱପୂର୍ଣ୍ଣ ବିଜେପି ଜାତୀୟ ଉପ-ସଭାପତି ତଥା ମୁଖପାତ୍ର ପଦରେ ଅବସ୍ଥାପିତ କରାଯାଇଥିଲା। ଏହା ପରେ ପରେ ବିଜେପି ତାଙ୍କୁ ଆସାମ ରାଜ୍ୟର ପ୍ରଭାରୀ ଭାବେ ନିଯୁକ୍ତି ଦେଲା। ବୈଜୟନ୍ତ ବାବୁ ଯେପରି ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଇ ଉନ୍ନୟନ କାର୍ଯ୍ୟକୁ ଆଗେଇ ନେଇଥା'ନ୍ତି ଓ ଲୋକଙ୍କୁ ଭଲ ପାଆନ୍ତି, ପୂର୍ବର କୌଣସି ସାଂସଦଙ୍କଠାରେ ତାହା ଦେଖାଯାଇ ନଥିଲା। ବାସ୍ତବରେ ସାଧାରଣ ଲୋକଙ୍କ ପାଇଁ ଉନ୍ନୟନ କାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରିଥିଲେ ବୈଜୟନ୍ତବାବୁ। ତେବେ ବୈଜୟନ୍ତବାବୁ ୨୦୧୯ ଲୋକସଭା ନିର୍ବାଚନରେ କେନ୍ଦ୍ରାପଡ଼ା ଆସନରେ ତୃତୀୟ ଥର ପାଇଁ ବିଜେପି ଟିକଟରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ନିର୍ବାଚନରେ ବିଜେଡ଼ିର ଅନୁଭବ ମହାନ୍ତି ୬,୨୮,୯୩୯ ଖଣ୍ଡ ଭୋଟ ପାଇଥିଲାବେଳେ ବିଜେପିର ବୈଜୟନ୍ତ ପଣ୍ଡା ୪,୪୭,୪୫୬ ଖଣ୍ଡ ଭୋଟ ଏବଂ କଂଗ୍ରେସର ଧରଣୀଧର ନାୟକ ୧,୧୩,୮୪୧ ଖଣ୍ଡ ଭୋଟ୍ ପାଇଥିଲେ। ତେବେ ବିଜେଡ଼ିର ଅନୁଭବ ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୈଜୟନ୍ତବାବୁଙ୍କୁ ୧,୮୧,୪୮୩ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଏଠାରେ ପ୍ରଶ୍ନ ଉଠିପାରେ ଯେ, କେନ୍ଦ୍ରାପଡ଼ାର ବିକାଶ ପାଇଁ ବୈଜୟନ୍ତ ବାବୁ ଅନେକ ଉନ୍ନୟନ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତାମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କଲେ କାହିଁକି ? ତେବେ ମୁଖ୍ୟତଃ ଦୁଇଟି କାରଣ ପାଇଁ ବୈଜୟନ୍ତବାବୁ ପରାଜିତ ହେଲେ ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ।। ପ୍ରଥମତଃ ବିଜେପିରେ ମିଶିବା ତାଙ୍କ ପାଇଁ କାଳ ହେଲା। କାରଣ ଯେଉଁ ସଂଖ୍ୟାଲଘୁ ଭୋଟ୍, ପୂର୍ବରୁ ବୈଜୟନ୍ତବାବୁଙ୍କ ହାତମୁଠାରେ ଥିଲା, ସେ ବିଜେପିର ପ୍ରାର୍ଥୀ ହେବାପରେ ପ୍ରାୟତଃ ସବୁ ଭୋଟ ବିଜେଡ଼ି ହାତକୁ ଚାଲିଗଲା। ଦ୍ୱିତୀୟତଃ ବୈଜୟନ୍ତ ବାବୁଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଯୁବ ଗୋଷ୍ଠୀର ଭୋଟଗୁଡ଼ିକ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଗଲା। ଭୋଟ ପରିଚାଳନା ବେଳେ ସେ ତାଙ୍କର ପୁରୁଣା ସମର୍ଥକ ଓ ଶୁଭେଚ୍ଛୁମାନଙ୍କୁ ଆଡ଼େଇ ଦେଲେ। ଅନ୍ୟପକ୍ଷରେ ବୈଜୟନ୍ତବାବୁଙ୍କ ପ୍ରାର୍ଥୀତ୍ୱ ଓ ନିର୍ବାଚନ ବିଜୟ ପାଇଁ ବିଜେପିର କେତେକ ଆଗଧାଡ଼ିର ନେତା ସେମିତି କିଛି ସହଯୋଗ ଦେଇ ନ ଥିବା ସେତେବେଳେ ମନେ ହୋଇଥିଲା ବୋଲି ରାଜନୀତିକ ସମୀକ୍ଷକ ମାନେ ମତ ଦେଇଥିଲେ। ମାତ୍ର ବିଜେଡ଼ି ପ୍ରାର୍ଥୀ ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କର ଅଭିନେତ୍ରୀ ସହଧର୍ମିଣୀ ବର୍ଷା ପ୍ରିୟଦର୍ଶିନୀ ନିଜର ଯଥେଷ୍ଟ ଉଦ୍ୟମ ବଳରେ ଯୁବଗୋଷ୍ଠୀକୁ ନିଜ ପକ୍ଷକୁ ଆଣି ପାରିଥିଲେ। ଯେଉଁଥିପାଇଁ ବିଜେଡ଼ି ସହଜ ବିଜୟଲାଭ କଲା।

ବାସ୍ତବତା ଦେଖାଗଲେ, ବୈଜୟନ୍ତ ପଣ୍ଡା ଜଣେ ଭିନ୍ନ ଚରିତ୍ରର ମଣିଷ। ସାଂସଦ ନଥାଇ ମଧ୍ୟ ସେ ସବୁବେଳେ କେନ୍ଦ୍ରାପଡ଼ା ଅଂଚଳରେ ରହି ଲୋକମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଥିବା ଦେଖାଯାଉଛି। ଦଳମତ ନିର୍ବିଶେଷରେ କେନ୍ଦ୍ରାପଡ଼ାର ସାଧାରଣ ମଣିଷକୁ ସେ ବନ୍ଧୁ ଭାବରେ ଗ୍ରହଣ କରିଥିବା ବେଳେ ତାଙ୍କ ପ୍ରତି ମଧ୍ୟ କେନ୍ଦ୍ରାପଡ଼ାବାସୀଙ୍କର ଏବେ ବି ଅକୁଣ୍ଠ ସମର୍ଥନ ରହିଛି।

-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ମୋ-୯୩୩୭୩୬୯୪୪୮

ଭାରତ ଯୋଡ଼ୋ ଯାତ୍ରା-ଓଡ଼ିଶା ପରିକ୍ରମାରୁ ପରିବର୍ତ୍ତନ

ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ସାଂସଦ ତଥା ଏଆଇସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଅଧ୍ୟକ୍ଷ ଶ୍ରୀ ଜୟରାମ ରମେଶ, ଓଡ଼ିଶା ପ୍ରଭାରୀ ଡା. ଏ ଚେଲ୍ଲା କୁମାରଙ୍କ ଉପସ୍ଥିତିରେ 'ଭାରତ ଯୋଡ଼ୋ' କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ କହିଲେ ଯେ 'ଭାରତ ଯୋଡ଼ୋ' କାର୍ଯ୍ୟକ୍ରମର ଆୟୋଜନ ମୁଖ୍ୟତଃ ତିନୋଟି କାରଣ ପାଇଁ କରାଯାଇଅଛି। ପ୍ରଥମତଃ ଅର୍ଥନୈତିକ ଅସମତା, ଦ୍ୱିତୀୟତଃ ସାମାଜିକ ଧ୍ରୁବିକରଣ ଓ ତୃତୀୟତଃ ରାଜନୈତିକ କେନ୍ଦ୍ରୀକରଣ। ଭାରତ ଏହିସବୁ କାରଣ ପାଇଁ ଆଜି ଭାଙ୍ଗି ତୁଟି ଯିବା ଅବସ୍ଥାରେ ପଂହଚିଛି ବୋଲି ଏ ଦେଶର ଅଗଣିତ ଜନସାଧାରଣ ଅନୁଭବ କରିଛନ୍ତି। ଏଣୁ ଭାରତକୁ ଯୋଡ଼ି ରଖିବା ପାଇଁ 'ଭାରତ ଯୋଡ଼ୋ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଶ୍ରୀ ଜୟରାମ ରମେଶ ଏହି 'ଭାରତ ଯୋଡ଼ୋ' ଯାତ୍ରାର ମୁଖ୍ୟ ଆକର୍ଷଣ ଶ୍ରୀ ରାହୁଲ ଗାନ୍ଧୀଙ୍କର ଭାରତକୁ ଯୋଡ଼ିବା ପାଇଁ ଆବେଗ ଓ ଉଦ୍‌ବେଗ ସଂପର୍କରେ କହି ସ୍ପଷ୍ଟଭାବେ ସୂଚନା ଦେଇଥିଲେ ଯେ ରାହୁଲ ଗାନ୍ଧୀ କହିଛନ୍ତି ଏ ଯାତ୍ରା ହେଉଛି ମୋର ଏକ ତପସ୍ୟା। ବର୍ଷା, ଖରାକୁ ନମାନି କାହିଁକି ଏ ଯାତ୍ରାରେ ରାହୁଲ ଗାନ୍ଧୀ ଚାଲିଛନ୍ତି ତାହା ଶ୍ରୀ ରମେଶ ସ୍ପଷ୍ଟ ଭାବେ ଉପସ୍ଥାପନା କଲେ। ସେ କହିଲେ ଯେ ମୋଦି, ଆରଏସଏସ ଓ ବିଜେପିର ଜନବିରୋଧୀ ନୀତି ନିଷ୍ପତି ପାଇଁ ଭାରତ ଆଜି ରସାତଳଗାମୀ ହୋଇପଡ଼ିଛି। ବେରୋଜଗାର, ଦାରିଦ୍ର୍ୟ, ଦରବୃଦ୍ଧି, ଜିଏସଟି ଏବଂ ଦୁଇ ପୁଂଜିପତିଙ୍କୁ ରାଷ୍ଟ୍ରର ସଂପତିକୁ ଦାନ ପ୍ରମୁଖ କଥା ଶ୍ରୀ ରମେଶ ଉଲ୍ଲେଖ କରିଥିଲେ। ଧର୍ମ, ଜାତି, ବର୍ଣ୍ଣ ଓ ଅଂଚଳର ଭେଦଭାବ ସୃଷ୍ଟିକରି ସମାଜରେ ଘୃଣା ଓ ଅସ୍ଥିରତା ବଢ଼ାଇବା ହେଉଛି ବିଜେପି ଓ ଆରଏସଏସର କାର୍ଯ୍ୟ। କେବଳ ନିର୍ବାଚନକୁ ଆଖି ଆଗରେ ରଖି ନରେନ୍ଦ୍ର ମୋଦି ଏ ହୀନ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି। ରାଜନୀତି କେନ୍ଦ୍ରୀକରଣ ସଂପର୍କରେ ସୂଚନା ଦେଇ ସେ କହିଲେ ଯେ ପ୍ରଧାନମନ୍ତ୍ରୀ ଦେଶର ସମସ୍ତ କ୍ଷମତାକୁ ନିଜ ଆୟତରେ ରଖି ଏହାକୁ ଅପବ୍ୟବହାର କରୁଛନ୍ତି। ସାମ୍ବିଧାନିକ ସଂସ୍ଥା ଆଜି ଦୁର୍ବଳ, ଏହାର ଦୁରୁପଯୋଗ ହେଉଛି। ଯେଉଁଥିପାଇଁ ଭାରତ ନିଜ ଭିତରେ ବିଭାଜିତ ହୋଇପଡ଼ିଛି।

'ଭାରତ ଯୋଡ଼ୋ' କାର୍ଯ୍ୟକ୍ରମର ସୂଚନା ଦେଇ ସେ କହିଲେ ଯେ ଏହା କନ୍ୟାକୁମାରୀଠାରୁ କାଶ୍ମିର ପର୍ଯ୍ୟନ୍ତ ଦକ୍ଷିଣରୁ ଉତର ପର୍ଯ୍ୟନ୍ତ ୩୫୭୧ କି.ମି. ଯାତ୍ରା। ଏହି ଯାତ୍ରା ପାଖାପାଖି ୧୫୦ ଦିନରୁ ଊର୍ଦ୍ଧ୍ୱ ସମୟ ଚାଲୁରହିବ। ଭାରତବର୍ଷର ୧୨ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଂଚଳ ଦେଇ ଗତି କରିବ। ଏହି ଯାତ୍ରାରେ ଲକ୍ଷ ଲକ୍ଷ ଲୋକ ନିଜକୁ ସାମିଲ କରି ଚାଲିଛନ୍ତି। ପ୍ରତିଦିନ ସକାଳରୁ ୨୩ କି.ମି. ଯାତ୍ରା କରାଯାଉଛି। ଏହି ଯାତ୍ରା ସମୟରେ ଶ୍ରୀ ରାହୁଲ ଗାନ୍ଧୀ କୃଷକ, ଶ୍ରମିକ, ମତ୍ସ୍ୟଜୀବୀ ଓ ସମାଜର ବିଭିନ୍ନ ବର୍ଗଙ୍କ ସହିତ ଆଲୋଚନା କରୁଛନ୍ତି। ଏପରିକି ବହୁମାତ୍ରାରେ ଛାତ୍ରଛାତ୍ରୀ, ଯୁବକଯୁବତୀ ଓ ବୁଦ୍ଧିଜୀବୀମାନେ ମଧ୍ୟ ଏହି ଯାତ୍ରାରେ ଅଂଶଗ୍ରହଣ କରିବା ସହିତ ଆଲୋଚନା ମଧ୍ୟ କରୁଛନ୍ତି। ବିରୋଧୀମାନେ 'ଭାରତ ଯୋଡ଼ୋ'ର ଆବଶ୍ୟକତା ଓ ଏହା ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ପ୍ରଶ୍ନ କରୁଥିବା ବେଳେ ଶ୍ରୀ ରମେଶ କହିଲେ ଯେ ଏହା କେବଳ ଭାରତବର୍ଷକୁ ଘୃଣା, ଦ୍ୱେଷ, ହିଂସା, ଧର୍ମ ନାମରେ ବିଭାଜିତ କରୁଥିବା ଶକ୍ତିମାନେ ଏହି ପ୍ରଶ୍ନ କରୁଛନ୍ତି ବୋଲି ଉତର ରଖିଥିଲେ। ଏହି ଅବସରରେ ଶ୍ରୀ ରମେଶ କହିଥିଲେ ଯେ 'ଭାରତ ଯୋଡ଼ୋ' ଓଡ଼ିଶା କାର୍ଯ୍ୟକ୍ରମ ଅକ୍ଟୋବର ୩୧ ତାରିଖ ସ୍ୱର୍ଗତଃ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସରେ ଭୁବନେଶ୍ୱର ସ୍ଥିତ ଇନ୍ଦିରାପାର୍କଠାରୁ ଶୁଭାରମ୍ଭ କରାଯିବ। ଓଡ଼ିଶାରେ ଏକ ଯୁଗଳବନ୍ଦି ସରକାର ଚାଲିଛି। ଏମାନେ ଓଡ଼ିଶାରେ ଅଲଗାର ଛଳନା କରୁଥିଲା ବେଳେ ଦିଲ୍ଲୀରେ ଏକାଠି। ଏହି ଦୁଇ ଦଳ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ପ୍ରଧାନମନ୍ତ୍ରୀଙ୍କ ଇଂଗିତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉଠବସ ହୁଅନ୍ତି। ଏହି ପରିକ୍ରମା କାର୍ଯ୍ୟକ୍ରମ ଓଡ଼ିଶାରେ ପରିବର୍ତ୍ତନ ଆଣିବ। 'ଭାରତ ଯୋଡ଼ୋ' ଯାତ୍ରାର ଅଧ୍ୟକ୍ଷ ଶ୍ରୀ ଦିଗ୍‌ବିଜୟ ସିଂ ସାମ୍ବାଦିକମାନଙ୍କ ଉଦ୍ଦେଶ୍ୟରେ କହିଲେ ଏହି ଭାରତ ଯୋଡ଼ ମାଧ୍ୟମରେ କଂଗ୍ରେସର ଭାରତବର୍ଷର ପ୍ରତ୍ୟେକ ପରିବାରବର୍ଗଙ୍କ ପାଖରେ ବାର୍ତା ପଂହଚିବା ମୁଖ୍ୟ ଉଦ୍ଦେଶ୍ୟ। ତତ୍‌ସହିତ ଶାନ୍ତି, ସଂହତି, ସଦ୍‌ଭାବନା ଓ ଭାଇଚାରାକୁ କାୟମ ରଖିବା ଏହି ଯାତ୍ରାର ଉଦ୍ଦେଶ୍ୟ। ବୁଥିରୁ ପ୍ରଦେଶ ପର୍ଯ୍ୟନ୍ତ ଦାୟିତ୍ୱରେ ଥିବା କଂଗ୍ରେସ ପଦାଧିକାରୀମାନେ କେତୋଟି ପରିବାରକୁ ଏହି ଯାତ୍ରା ସହିତ ଯୋଡ଼ିଛନ୍ତି, ତା'ର ମଧ୍ୟ ତଥ୍ୟ ରହିବ ବୋଲି କହିଛନ୍ତି।

ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ 'ଭାରତ ଯୋଡ଼ୋ'- ଓଡ଼ିଶା କାର୍ଯ୍ୟକ୍ରମରେ ସବିଶେଷ ତଥ୍ୟ ଉପସ୍ଥାପନ କରି କହିଥିଲେ ଯେ ଏହି ଯାତ୍ରା ରାଜ୍ୟର ୨୬ଟି ଜିଲ୍ଲାରେ ୨୨୫୦ କି.ମି. ପଦଯାତ୍ରା ଏବଂ ପ୍ରତିଦିନ ୨୦ କି.ମି. ପଦଯାତ୍ରା ହେବ। ଏହି ପଦଯାତ୍ରା ୧୦୦ ଦିନ ଧରି ଅନୁଷ୍ଠିତ ହୋଇ ଜାନୁଆରୀ ୩୦ ତାରିଖରେ ଭୁବନେଶ୍ୱରରେ ସମାପ୍ତ ହେବ ବୋଲି ସେ ପ୍ରକାଶ କରିଥିଲେ। ଦୀର୍ଘ ୨୨ ବର୍ଷ ଧରି ନବୀନ ସରକାର ଓଡ଼ିଶାର ଜନସାଧାରଣଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାରେ ସମର୍ଥ ହୋଇନାହାନ୍ତି। ବର୍ଷକୁ ୨ଲକ୍ଷ ଚାକିରି, ପ୍ରତ୍ୟେକ ବ୍ଲକରେ ୩୫% ଚାଷଜମିରେ ଜଳସେଚନ ଯୋଗାଇବା, ଉତମ ସ୍ୱାସ୍ଥ୍ୟ ଯୋଗାଇଦେବା, କୃଷିଭିତିକ ଶିଳ୍ପ ସହିତ ଶିକ୍ଷା ଓ ଗମନାଗମନ କ୍ଷେତ୍ରରେ ବହୁକିଛି କରିବାର ସ୍ୱପ୍ନ ଦେଖାଇଥିଲେ। କିନ୍ତୁ ୨୨ ବର୍ଷ ଭିତରେ ଆଜି ସ୍କୁଲର ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ଲକ୍ଷ ଲକ୍ଷ ଯୁବକ ବେକାର, ଶିକ୍ଷିତ ଯୁବକଯୁବତୀମାନଙ୍କୁ ଠିକା କର୍ମଚାରୀ ରୂପେ ନିଯୁକ୍ତି ଦିଆଯାଉଛି। କୃଷକ ଆତ୍ମହତ୍ୟା ଓ ସଂଗଠିତ ଅପରାଧରେ ସାଇବର ଠକାଇ ଆଦି ରାଜ୍ୟରେ ଚ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୩, ଫେବୃଆରୀ ୪

ଉତ୍କଳ ଗୌରବ ମଧୁସୂଦନ

ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଶା ଇତିହାସର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ, ଏକ ପତିତ ଜାତିର ଉଦ୍ଧାର ପାଇଁ କାର୍ଯ୍ୟ କରିଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ। ତାଙ୍କ ଜାତିପ୍ରେମ, ସ୍ୱାଭିମାନ ଏବଂ ସୁଦୂରପ୍ରସାରୀ ଚିନ୍ତାଧାରା ସାମସମୟିକ କାଳ ଠାରୁ ଢ଼େର ଆଗରେ ଥିଲା। ଇଂରେଜୀରେ ଏମ୍ଏ କରିଥିବା ସେ ପ୍ରଥମ ଓଡ଼ିଆ। ତାହା ଛଡ଼ା ସେ ମଧ୍ୟ ପ୍ରଥମ ଓଡ଼ିଆ ବିଏଲ, ପ୍ରଥମ ସଫଳ ଓଡ଼ିଆ ଓକିଲ, ପ୍ରଥମ ଓଡ଼ିଆ ବ୍ୟବସ୍ଥାପକ, ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ ଏବଂ ପ୍ରଥମ ଓଡ଼ିଆ ମନ୍ତ୍ରୀ। ବାରିଷ୍ଟରୀ ଉତ୍ତୀର୍ଣ୍ଣ ହୋଇ ନଥିଲେ ହେଁ ଜନମାନସରେ ସେ ମଧୁ ବାରିଷ୍ଟର। ଉଚ୍ଚଶିକ୍ଷିତ ସାହେବମାନେ ତାଙ୍କୁ ଡାକୁଥିଲେ ମିଷ୍ଟର ଦାସ। ମଧୁବାବୁଙ୍କ ପୂର୍ବ ପୁରୁଷ ଖୋର୍ଦ୍ଧାରୁ କଟକ ଅନ୍ତର୍ଗତ ସତ୍ୟଭାମାପୁର ଆସିଥିବା ଜଣାଯାଏ। ତାଙ୍କ ପୂର୍ବପୁରୁଷଙ୍କ ସାଙ୍ଗିଆ ପ୍ରଥମେ ମଲ୍ଲ ଥିଲା। ପରେ କାନଗୋଇ, ରାଉତରା, ଚୌଧୁରୀ ଓ ଦାସ ହୋଇଥିଲା। ତେଣୁ ସେ ପରିହାସରେ ନିଜକୁ କହୁଥିଲେ ଥୁଣ୍ଟା ଦାସ। ଜୋତା କାରଖାନାରେ କାମ କରୁଥିବାରୁ କହୁଥିଲେ ପଣ୍ଡିତମାନେ ମୋତେ ମୋଚି ଶିରୋମଣି ଉପାଧି ଦେଇପାରନ୍ତି। ମଧୁବାବୁ ହୁକାପ୍ରିୟ ଥିଲେ। କୁକୁର ପାଳିବାକୁ ଭଲ ପାଉଥିଲେ। ତାଙ୍କ ଘରେ ସାହେବୀ ଢ଼ଙ୍ଗରେ ଭୋଜନ ପ୍ରସ୍ତୁତ ହେଉଥିଲା। ତେବେ ଭୋଜିଭାତରେ ଓଡ଼ିଆ ରନ୍ଧା ସେ ପ୍ରସନ୍ଦ କରୁଥିଲେ। ଢ଼ଗଢ଼ମାଳି ବୋଲିବାରେ ସେ ପାରଙ୍ଗମ ଥିଲେ। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ। ଏଥି ଲାଗି ସେ ଗଠନ କରିଥିଲେ ଉତ୍କଳ ସମ୍ମିଳନୀ। ଏହି ଅନୁଷ୍ଠାନ ସମ୍ପର୍କରେ ସେ କହିଥିଲେ ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ କୋଟି ପ୍ରାଣ ବିନ୍ଦୁ ଧରେ, ତୋର ପ୍ରାଣ ବିନ୍ଦୁ ମିଶାଇଦେ, ଭାଇ! ଡେଇଁପଡ଼ି ସିନ୍ଧୁ ନୀରେ। ପ୍ରତ୍ୟେକ ଉତ୍କଳୀୟ ଜାତି ପାଇଁ ପାଞ୍ଚ ମିନିଟ୍ ଚିନ୍ତାକରିବାକୁ ସେ ସର୍ବଦା କହୁଥିଲେ। ଉତ୍କଳ ସମ୍ମିଳନୀ ଓଡ଼ିଆଙ୍କ ମଧ୍ୟରେ ଏକତା ଆଣିଥିଲା। ଓଡ଼ିଆ ଜାତୀୟତାବାଦର ଉଦ୍ରେକ ହୋଇଥିଲେ। ଜୀବନରେ ବହୁ ଅର୍ଥ ଉପାର୍ଜନ କରିଥିଲେ ହେଁ ମଧୁବାବୁଙ୍କ ଶେଷ ଜୀବନ ଆର୍ଥିକ ଦୁର୍ଗତି ମଧ୍ୟରେ କଟିଥିଲା। ରୋଗଶଯ୍ୟାରେ ସେ କହିଥିଲେ ମୁଁ ତ ଯାଉଛି, ମନେରଖିଥିବ ଜଣେ ଓଡ଼ିଆ ଥିଲା। ୧୯୩୪ ଫେବୃଆରୀ ଆଜିର ଦିନରେ ଛୟାଅଶୀ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା।

ନିର୍ଦ୍ଦେଶିକା ଓ ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦

ଶକ୍ତିଭୂତେ ସନାତନୀ

ହେମନ୍ତ କୁମାର ପରିଡ଼ା

ଆମର ଏହି ଜ୍ଞାନଦୀପ୍ତ ପୁଣ୍ୟଭୂମି ଭାରତ ହେଉଛି ପୃଥିବୀର ଏକମାତ୍ର ଦେଶ, ଯେଉଁଠାରେ କେଉଁ ସ୍ମରଣାତୀତ କାଳରୁ ଶକ୍ତି ଉପାସନାର ମହାନ ପରମ୍ପରା ପ୍ରଚଳିତ ହୋଇ ଆସିଛି। ଶକ୍ତିର ସାଧାରଣ ଅର୍ଥ ହେଉଛି ସାମର୍ଥ୍ୟ। ଶକୃ-ଶକ ଧାତୁରେ ତିନି ପ୍ରତ୍ୟୟ ଯୋଗରୁ ଶକ୍ତି ଶବ୍ଦ ନିଷ୍ପନ୍ନ ହୋଇଛି। ବର୍ଣ୍ଣ ବିଶେଷରେ 'ଶ' ଐଶ୍ୱର୍ଯ୍ୟ ବାଚକ ଏବଂ 'କ୍ତି' ପରାକ୍ରମର ଦ୍ୱୋତକ ଶବ୍ଦ। ଶକ୍ତି ସୃଷ୍ଟିର ଆଧାର ଓ ବିଶ୍ୱ ସୃଷ୍ଟିର ମୂଳ ଉତ୍ସ। ଆମେ ସାଧାରଣତଃ ଲୋକର ଅବସ୍ଥା ଦେଖି ଶକ୍ତିମାନ କିମ୍ବା ଶକ୍ତିହୀନ ବୋଲି କହିଥାଉ। କିନ୍ତୁ ପ୍ରକୃତରେ ଏହି ବିଶ୍ୱରେ କେହି ବି ଶକ୍ତି ରହିତ ନୁହନ୍ତି। ବ୍ୟବହାରିକ ଜଗତରେ ଉପଯୋଗୀତାକୁ ଦୃଷ୍ଟିରେ ନେଇ ତାରତମ୍ୟ ଅନୁଭୂତ ହୋଇପାରେ ମାତ୍ର ଏହା ବାସ୍ତବିକ ରୂପରେ ପ୍ରତିଭାତ। ସେ ଆଦ୍ୟାଶକ୍ତି, ମହାଶକ୍ତି, ପରାଶକ୍ତି ସେ ପୁଣି ଇଚ୍ଛାଶକ୍ତି, କ୍ରିୟା ଶକ୍ତି ଓ ଜ୍ଞାନଶକ୍ତି ଅଟନ୍ତି। ସୃଷ୍ଟି, ସ୍ଥିତି, ପ୍ରଳୟ, ନିଗ୍ରହ ଓ ଅନୁଗ୍ରହ ଆଦି ପଞ୍ଚକୃତ୍ୟ ତାଙ୍କର କର୍ତ୍ତୃତ୍ୱାଧୀନ। ଶକ୍ତିଙ୍କର ମହିମା ଅପାର ଓ ଅନନ୍ୟ। ଆମେ ସନାତନୀ ହିନ୍ଦୁମାନେ ତାଙ୍କୁ ବହୁ ନାମ ରୂପରେ ନାମିତ କରିଛୁ। ଦେବୀଙ୍କ ମହିମା ବର୍ଣ୍ଣିତ ହୋଇଥିବା ଶାସ୍ତ୍ର ସମୂହ ମୁଖ୍ୟତଃ ତ୍ରିବିଧ ଧାରା ଉପରେ ପର୍ଯ୍ୟବେସିତ। ସେ ସବୁ ହେଲେ – ବୈଦିକ, ପୌରାଣିକ ଓ ତାନ୍ତ୍ରିକ। ଶାକ୍ତାଗମ, ଶୈବାଗମ, ପଞ୍ଚରାତ୍ରାଗମ ଆଦିରେ ଶକ୍ତି ଶକ୍ତିମାନ ତତ୍ତ୍ୱ ସ୍ପଷ୍ଟଭାବେ ପ୍ରତିପାଦିତ ହୋଇଛି। ମାର୍କଣ୍ଡେୟ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, ମତ୍ସ୍ୟ ପୁରାଣ ଓ ବାୟୁ ପୁରାଣ ଭଳି ପ୍ରାଚୀନ ପୁରାଣ ଗ୍ରନ୍ଥରେ ଶକ୍ତିଙ୍କ ବିଷୟରେ ସୁନ୍ଦର ବର୍ଣ୍ଣନା ମାନ ଅଛି। ଶ୍ରୀବିଦ୍ୟା ଓ କାଶ୍ମୀର ଶୈବାଗମରେ ଶକ୍ତିତତ୍ତ୍ୱର ବିଚାର ସମସ୍ତ ଆଗମ ଶାସ୍ତ୍ର ଅପେକ୍ଷା ସ୍ୱତନ୍ତ୍ର ଭାବେ ବର୍ଣ୍ଣିତ ହୋଇଛି। ଏତତ ଭିନ୍ନ ଆହୁରି ଅନେକ ଶକ୍ତି ତତ୍ତ୍ୱ ସମ୍ବନ୍ଧୀୟ ଶାସ୍ତ୍ର ଶକ୍ତିଙ୍କ ମହିମାରେ ମୁଖରିତ। ଶକ୍ତି ତ୍ରିବିଧ ଯଥା ହ୍ଲାଦିନୀ, ସ୍ତମ୍ଭିନୀ ଓ ସନ୍ଧିନୀ। ଶ୍ରୀଦୁର୍ଗା ସପ୍ତଶତୀ ଗ୍ରନ୍ଥ ଏହି ଧାରାତ୍ରୟର ସଙ୍ଗମସ୍ଥଳ ବା ତ୍ରିବେଣୀ ଅଟେ। ଏହା ବୈଦିକ, ପୌରାଣିକ ଓ ତାନ୍ତ୍ରିକ ସିଦ୍ଧାନ୍ତ ମାନଙ୍କର ସଙ୍ଗମନୀରେ ସମୃଦ୍ଧ ହୋଇଛି। ପ୍ରକୃତି, ମାୟା ଓ ଶକ୍ତି ତତ୍ତ୍ୱର ସୁନ୍ଦର ସମନ୍ୱୟରେ ପରମବ୍ରହ୍ମ ପରମାତ୍ମାଙ୍କର ସର୍ବଶ୍ରେଷ୍ଠ ରୂପାୟନ ଘଟିଛି ଏହି ପରମ ଶାସ୍ତ୍ରରେ। ସତ୍ତ୍ୱ, ରଜ, ତମ, ଗୁଣ କ୍ରମରେ ସେହି ଶକ୍ତି ମହାଲକ୍ଷ୍ମୀ ଓ ମହାକାଳୀ ଭାବରେ ପ୍ରକଟିତ। ସେ ପୁଣି ଜଗତ ଜନନୀ ମହାମାୟା ସୃଷ୍ଟି ସ୍ଥିତି ପ୍ରଳୟ କାରିଣୀ। ସେ କଲ୍ୟାଣମୟୀ ମହାଶକ୍ତି, ଶକ୍ତିଙ୍କର ଆଉ ଏକ ସାର୍ବଜନୀନ ନାମ ହେଉଛି ଦୁର୍ଗା। ସେ ଦୁର୍ଗ ନାମକ ଅସୁରକୁ ନିଧନ କରିଥିବାରୁ ଦୁର୍ଗା ନାମରେ ପ୍ରକୀର୍ତ୍ତିତା। ସେ ମହିଷା ମର୍ଦ୍ଦିନୀ ଅଟନ୍ତି। କୁ ପ୍ରବୃତ୍ତି ମାନଙ୍କର ବିନାଶ କରି ସତ୍ୟ, ଶାନ୍ତି, ଆନନ୍ଦ ପ୍ରତିଷ୍ଠା ପାଇଁ ତାଙ୍କର ସୃଷ୍ଟି। କେତେକ କହନ୍ତି ପୂର୍ବକାଳରେ ସମାଜ ଥିଲା ମାତୃ କୈନ୍ଦ୍ରିକ। ସେହି ଆଧାରରେ ମାତୃ ଉପାସନା ପ୍ରାଧାନ୍ୟ ଲାଭ କରିଛି। ଦୁର୍ଗାପୂଜା, କାଳୀପୂଜା ଏହି ଦୁଇଟି ଗଣପର୍ବ ଭାବେ ଭାରତ ବର୍ଷରେ ପାଳିତ ହୁଏ। ଏବେ ଏହା ଧୀରେ ଧୀରେ ବିଶ୍ୱବ୍ୟାପୀ ବିସ୍ତାର ଲାଭ କଲାଣି। ଦୁର୍ଗ+ଆ ଏହି ଦୁଇଟି ଶବ୍ଦର ମିଳନରେ ଦୁର୍ଗା ଶବ୍ଦ ଉତ୍ପନ୍ନ। ଦୁର୍ଗର ଅର୍ଥ ଦୁର୍ଗ ନାମକ ଅସୁର, ମହାବିଘ୍ନ, ସଂସାର ବନ୍ଧନ, କୁକର୍ମ, ଶୋକ, ଦୁଃଖ, ନରକ, ଯମଦଣ୍ଡ, ଜନ୍ମମରଣ, ବନ୍ଧନ, ଜନ୍ମଜରା, ମୃତ୍ୟୁ ବନ୍ଧନରେ ଆବିର୍ଭୁ ମହାଭୟ ଓ ଦୁରାରୋଗ୍ୟ ବ୍ୟାଧି ଆଦି। 'ଆ' ଶବ୍ଦର ଅର୍ଥ ବିନାଶକାରୀ। ତେଣୁ ଦୁର୍ଗା ସମସ୍ତ ପ୍ରକାର ଦୁର୍ଗ ବା ତିନି ପ୍ରତିବନ୍ଧକର ବିନାଶ କାରିଣୀ ରୂପେ ପ୍ରସିଦ୍ଧ। ଦୁର୍ଗା ଶବ୍ଦର ଉତ୍ପତ୍ତିଗତ ଶାବ୍ଦିକ ବ୍ୟାଖ୍ୟା କରି କୁହାଯାଇଛି 'ଦ' ଅର୍ଥ ଦୈତ୍ୟ, ନାମ, 'ଉ' ଅର୍ଥ ବିଘ୍ନନାଶକ, ରେଫ ଅର୍ଥ ରୋଗ ନାଶ, 'ଗ' ଅର୍ଥ ପତନ ରହିତ ଏବଂ 'ଆ' ଅର୍ଥ ଭୟନାଶ। ଦ+ଉ+ତ+ଗଆ= ଦୁର୍ଗା। ସପ୍ତଶତୀ ଚଣ୍ଡୀରେ ସଙ୍କଳିତ ଦେବ୍ୟା ଅଥର୍ବରେ ବର୍ଣ୍ଣନା ଅଛି – 'ଯସ୍ୟାଃ ପରତରଂ ନାସ୍ତି ସୈଷା ଦୁର୍ଗା ପ୍ରକୀର୍ତ୍ତିତା।' ଅର୍ଥାତି ଯାହାଙ୍କ ଠାରୁ ଆଉ କେହି ଶ୍ରେଷ୍ଠ ନାହାଁନ୍ତି ସେ ଦୁର୍ଗା ନାମରେ ପ୍ରସିଦ୍ଧ। ଶକ୍ତି ସ୍ୱରୂପିଣୀ ମା' ଦୁର୍ଗା ସ୍ୱୟଂ ପରମବ୍ରହ୍ମ ସ୍ୱରୂପା। ନିଜେ ଦେବୀ ନିଜ ସ୍ୱରୂପ ବିଷୟରେ ଦେବତା ମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଦେବୀଅର୍ବ ଶୀଷମ୍‌ରେ ପ୍ରକାଶ କରିଛନ୍ତି – ଅହଂ ବ୍ରହ୍ମ ସ୍ୱରୂପିଣୀ। ମତ୍ତଃ ପ୍ରକୃତି ପୁରୁଷାତ୍ମକଂ ଜଗତ। ଶୂନ୍ୟଂଚା ଶୂନ୍ୟଚ। ଅହମାନନ୍ଦାନାନନ୍ଦେ। ଅହଂ ବିଜ୍ଞାନା ବିଜ୍ଞାନେ। ଅହଂ ବ୍ରହ୍ମବ୍ରହ୍ମଣୀ ବେଦିତବ୍ୟେମ ଅହଂ ପଞ୍ଚଭୂତାନ୍ୟ ପଞ୍ଚ ଭୂତାନି। ଅହଂ ଅଖିଳଂ ଜଗତ। ଅର୍ଥାତ୍ ମୁଁ ବ୍ରହ୍ମ ସ୍ୱରୂପ ଅଟେ। ମୋ ଠାରୁ ପ୍ରକୃତି ପୁରୁଷାତ୍ମକ ସଦ୍ରୂପ ଏବଂ ଅସଦ୍‌ରୂପ ଜଗତ ଉତ୍ପନ୍ନ ହୋଇଛି। ମୁଁ ଆନନ୍ଦ ଏବଂ ନିରାନନ୍ଦ ରୂପୀ ଅଟେ ମୁଁ ବିଜ୍ଞାନ ଏବଂ ଅବିଜ୍ଞାନ ରୂପା। ନିଶ୍ଚିତଭାବେ ଜ୍ଞାତବ୍ୟ ବ୍ରହ୍ମ ଏବଂ ଅବ୍ରହ୍ମ ମଧ୍ୟ ମୁଁ ଅଟେ। ପଞ୍ଚୀକୃତ ଏବଂ ଅପଞ୍ଚୀକୃତ ମହାଭୂତ ମୁଁ ଅଟେ। ଏହି ଅଖିଳ ଦୃଶ୍ୟମାନ ଜଗତ ମୋର ସ୍ୱରୂପ ଅଟେ। ହେ ଚିତ୍ ସ୍ୱରୂପିଣୀ ମହା ସରସ୍ୱତୀ, ହେ ସତ ସ୍ୱରୂପିଣୀ ମହାଲକ୍ଷ୍ମୀ, ହେ ଆନନ୍ଦରୂପିଣୀ ମହାକାଳୀ, ଆପଣ ସବୁକିଛି ଅଟନ୍ତି। ମହାଭୟ ବିନାଶକାରିଣୀ, ମହାସଙ୍କଟ ହାରିଣୀ ହେ ମହାଦେବୀ! ଆପଣଙ୍କ ବର୍ଣ୍ଣନା କରିବା ଅସମ୍ଭବ। ଯାହାଙ୍କ ସ୍ୱରୂପକୁ ବ୍ରହ୍ମା ଆଦି ଦେବତାମାନେ ଜାଣି ପାରନ୍ତି ନାହିଁ ତେଣୁ ତାଙ୍କୁ ଅଜ୍ଞେୟା କୁହାଯାଏ। ଯାହାଙ୍କ ଅନ୍ତ କେହି ପାଆନ୍ତି ନାହିଁ ତେଣୁ ତାଙ୍କୁ ଅନନ୍ତା କହିଥାଆନ୍ତି। ଯିଏ ଲକ୍ଷ୍ୟରୁ ଅତୀତ ସେ ଅଲକ୍ଷ୍ୟା। ଯାହାଙ୍କ ଜନ୍ମ ସମସ୍ତଙ୍କୁ ଅଜ୍ଞାତ ଲୋକେ ତାଙ୍କୁ ଅଜନ୍ମା ବୋଲି କହିଥାନ୍ତି। ସେ ଏକ ହୋଇ ସର୍ବତ୍ର ବିଦ୍ୟମାନ ଏବଂ ସର୍ବ ନାମରୂପରେ ସେହି ହିଁ ବିଦ୍ୟମାନ ପରିବ୍ୟାପ୍ତ ଥିବାରୁ ତାଙ୍କୁ ଏକା ଏବଂ ଅନେକ ବୋଲି ସମ୍ବୋଧନ କରାଯାଏ। ତେଣୁ ମହାଦେବୀଙ୍କୁ ଅଜ୍ଞେୟା, ଅନନ୍ତା, ଲକ୍ଷ୍ୟା, ଅଲକ୍ଷ୍ୟା, ଏକା ଏବଂ ଅନେକା ବୋଲି କୁହାଯାଏ। ତାଙ୍କ ଭିନ୍ନ ଅନ୍ୟ କିଛି ନାହିଁ। ସେହି ସର୍ବଶକ୍ତିମାନ, ସର୍ବ ବିଦ୍ୟମାନ ସର୍ବଜ୍ଞ ମହାଦେବୀଙ୍କୁ ବାରମ୍ବାର ପ୍ରଣାମ। ହେ ମା'ଜଗଦମ୍ବେ ଶକ୍ତିଭୂତେ ସନାତନୀ। ହେ ମା ପରମେଶ୍ୱରୀ, ଆପଣ ଏ ବିଶ୍ୱର ସର୍ବକାରଣ କାରଣ ଅଟନ୍ତି। ଏହି ଦୃଶ୍ୟ ଅଦୃଶ୍ୟ ଅଘଟନ ବିଘଟନର ମୂଳ ହେତୁ ହେଉଛନ୍ତି ଆପଣ। ଆମ୍ଭେମାନେ ଆପଣଙ୍କର ଅଂଶଭୂତ ଅଟୁ। ହେ ମା ଆପଣ ଏହି ସୃଷ୍ଟି ରୂପରେ ବିରାଜିତ। ହେତୁ ସାରା ସୃଷ୍ଟିର ଆଶ୍ରୟ ସ୍ୱରୂପା ଅଟନ୍ତି। ଆପଣ ଅନନ୍ତ ବୀର୍ଯ୍ୟା ବୈଷ୍ଣବୀ ଶକ୍ତି। ତୁମ ବିଶ୍ୱର କାରଣଭୂତା ମହାମାୟା। ତୁମ ମାୟାଶକ୍ତିରେ ସମସ୍ତ ଜଗତକୁ ମୋହଗ୍ରସ୍ତ କରିଛ। ମାଃ! ଆମ୍ଭମାନଙ୍କ ଉପରେ ପ୍ରସନ୍ନ ହୋଇ ଏହି ଇହ ଲୋକରୁ ମୁକ୍ତି ପ୍ରଦାନ କରନ୍ତୁ। ସମସ୍ତଙ୍କ ହୃଦୟରେ ହୃଦୟ ବିହାରିଣୀ ବୁଦ୍ଧି ରୂପରେ ବିଦ୍ୟମାନ ମା। ଆମକୁ ଜ୍ଞାନ, ଭକ୍ତି ଉକ୍ତି ପ୍ରଦାନ କର। ଯାହାଦ୍ୱାରା ଆମେ ତୁମକୁ ଜାଣିପାରିବୁ। ତୁମଠାରେ ନିତ୍ୟ ନିମଜ୍ଜିତ ହୋଇ ରହିବୁ ଏହି ବୁଦ୍ଧ ପ୍ରଦାନ କର। ହେ ମା ନାରାୟଣି ତୁମ୍ଭଙ୍କୁ ବାରମ୍ବାର ପ୍ରଣାମ।

ମାଳତୀକୁଞ୍ଜ, ପ୍ଲାଟ ନଂ-୫୨୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ,
ଦୂରଭାଷ : ୮୭୬୩୧୦୭୧୨୬

ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମହିମା ମେଳା

ଅଲେଖ ଚନ୍ଦ୍ର ସାମଲ

ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମହିମା ମେଳା । ମାନବଧର୍ମର ମହୋତ୍ସବ କୁହାଯାଉଥିବା ଏହି ଯୋରନ୍ଦା ମହିମା ମେଳାରେ ଲକ୍ଷ ଲକ୍ଷ ସନ୍ନ୍ୟାସୀ, ଭକ୍ତ ଓ ଯାତ୍ରୀଙ୍କ ସମାଗମ ହୋଇଥାଏ । ମହିମା ମେଳା ଅବସରରେ ସମାଧି ମନ୍ଦିର ନିକଟରେ ସୁନା ଓ ରୂପାର ଛାତ୍ରୀ, ତରାସ, ଚାମର, ଢ଼ାଲ, ଗଛ, ଲୋଟା, ଥାଳି ଆଦି ଯାତ୍ରୀମାନଙ୍କ ଦର୍ଶନ ନିମନ୍ତେ ସୁସଜ୍ଜିତ କରାଯାଇଥାଏ । ମନ୍ଦିର ପରିସରରେ ଦଳ ଦଳ ହୋଇ ମହିମା ସାଧୁସନ୍ତମାନଙ୍କ ଖଞ୍ଜଣି ଭଜନ ଗାନ ଆଧ୍ୟାତ୍ମିକ ପରିବେଶକୁ ଆହୁରି ଗଭୀର କରିଥାଏ । ମନ୍ଦିରର ଅଖଣ୍ଡ ଧୁନିରେ ବିଶ୍ୱକଲ୍ୟାଣ ଶାନ୍ତି କାମନା ନିମନ୍ତେ ମହିମା ସାଧୁସନ୍ତମାନଙ୍କ ଦ୍ୱାରା ଘୃତାହୁତି ଦିଆଯାଇଥାଏ । ସଭାଗୃହ ଠାରେ ମହିମା ସାଧୁ ସମ୍ମିଳନୀ ଓ ଧର୍ମ ଆଲୋଚନା ଆଦି ହୋଇଥାଏ । ମହିମା ମେଳା ତିନି ଦିନ ଧରି ଅନୁଷ୍ଠିତ ହୁଏ । ଗତ କିଛି ବର୍ଷ ହେଲା ୭-୮ ଦିନ ଧରି ମହିମା ମେଳା ଅନୁଷ୍ଠିତ ହୋଇ ଆସୁଛି । ଯାତ୍ରା ପାର୍ଟି, ଅପେରା, ସର୍କସ, ମ୍ୟାଜିକ୍, ଦୋଳି, କଣ୍ଟେଇ ନାଚ, ବାଲୁକା କୃତୀ ଏବଂ ପ୍ରଦର୍ଶନୀ ମେଳାକୁ କୋଳାହଳମୟ କରିଥାଏ । ବିଶ୍ୱପ୍ରସିଦ୍ଧ ଏହି ମହିମା ମେଳା ଦେଖିବାକୁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ସାଧୁ ସନ୍ନ୍ୟାସୀ, ଭକ୍ତ ଓ ଯାତ୍ରୀ ଦୌଡ଼ି ଆସିଥାନ୍ତି ଢ଼େଙ୍କାନାଳ ଜିଲ୍ଲାର ଏହି ଯୋରନ୍ଦାକୁ।

ଉନ୍ନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ଧର୍ମ ଓ ସଂସ୍କୃତିର ପ୍ରଭାବରେ ଭାରତୀୟ ଆଧ୍ୟାତ୍ମିକ ଚେତନା ଏକ ଆତ୍ମିକ ସନନ୍ଦ ରୂପେ ପ୍ରତିଭାତ ହୋଇଥିଲା । ସେ ସମୟରେ ଭାରତୀୟ ଧାର୍ମିକ ଚିନ୍ତାଧାରାରେ ଏକ ବିଶେଷ ପରିବର୍ତ୍ତନ ପ୍ରକ୍ରିୟା ଅନୁଭୂତ ହୋଇଥିଲା । ପବିତ୍ର ଉତ୍କଳ ଭୂମିରେ ସାଧୁ ସୁନ୍ଦର ଦାସ ଓ ଅରକ୍ଷିତ ଦାସ ମହାତ୍ମାଙ୍କ ସମେତ ପୂଜ୍ୟ ମହିମା ସ୍ୱାମୀ ଆର୍ବିଭାବ ହୋଇଥିଲେ । ମହିମା ସ୍ୱାମୀଙ୍କର ପ୍ରକୃତ ପରିଚୟ, ଜୀବନଚର୍ଯ୍ୟା ତଥା ଜନ୍ମ ସମ୍ପର୍କରେ ଠୋସ୍ ପ୍ରମାଣ କାହା ପାଖରେ ନଥିବା ବେଳେ ମହିମାଧର୍ମାବଲମ୍ବୀଙ୍କ ମତରେ ସେ ଅଲେଖ ପରଂବ୍ରହ୍ମଙ୍କ ଅବତାରରେ ଏବଂ ଧର୍ମସଂସ୍ଥାପନାର୍ଥେ ସ୍ୱମହିମାରେ ଆର୍ବିଭୂତ ହୋଇଥିଲେ । ୧୭୩୨ ଖ୍ରୀଷ୍ଟାବ୍ଦରେ ମହିମା ସ୍ୱାମୀଙ୍କର ଆର୍ବିଭାବ, ଦୀର୍ଘ ୧୪୪ ବର୍ଷ ମହିମାଲୀଳା ସଂରଚନା କରିବା ପରେ ୧୮୨୬ ଖ୍ରୀଷ୍ଟାବ୍ଦରେ ତିରୋଧାନ କରିଥିଲେ ବୋଲି ମହିମାଧର୍ମୀ କହନ୍ତି । ମହିମା ସ୍ୱାମୀଙ୍କର ପ୍ରକୃତ ଆର୍ବିଭାବ କାଳର ପ୍ରାମଣିକ ତଥ୍ୟ ମିଳିନଥିଲେ ସୁଦ୍ଧା ୧୮୨୬ ମସିହାରେ ସେ ପୁରୀରେ ଅଲେଖ ମଣ୍ଡଳ ପ୍ରତିଷ୍ଠା କରିଥିବାର ଇତିହାସରେ ସୂଚନା ରହିଛି । ୧୮୨୬ ମସିହା ଠାରୁ ୧୮୩୮ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୨ ବର୍ଷ ସେ ଖଣ୍ଡଗିରି ଗୁମ୍ଫାରେ କେବଳ ଜଳପାନ ପୂର୍ବକ ସମାଧି ଯୋଗ ଅବଲମ୍ବନ କରିଥିଲେ । ୧୮୩୮ ମସିହାରେ ମହିମା ସ୍ୱାମୀ ପୁରାଣ ପ୍ରସିଦ୍ଧ କପିଳାସ ପର୍ବତର ପଶ୍ଚିମ ପାର୍ଶ୍ୱରେ ସମାଧିସ୍ଥ ହେଲେ । ଏହି ପବିତ୍ର ତପସ୍ୟା ପୀଠ ସଂପ୍ରତି ତପୋବନ ଆଶ୍ରମ ନାମରେ ପରିଚିତ। କପିଳାସ ତପୋବନ ଆଶ୍ରମରେ ମହିମା ସ୍ୱାମୀ ୧୮୬୨ ମସିହାରେ ମହିମା ଦର୍ଶନର ଦିବ୍ୟପ୍ରାପ୍ତି ହେଲେ । ସେହି ମହିମା ଦର୍ଶନର ସାରସତ୍ତା ହେଉଛି ଅଲେଖ ପରଂବ୍ରହ୍ମଙ୍କ ଠାରୁ ଆତ୍ମାକ୍ଷରିତ । ତାଙ୍କରିଠାରେ ଅର୍ପିତ ଏବଂ ଶେଷରେ ତାଙ୍କରି ଶରଣ ଦର୍ଶନରେ ମୁକ୍ତି । ଏହି ଦର୍ଶନକୁ ଭିତ୍ତି କରି ପୂଜ୍ୟ ମହିମା ସ୍ୱାମୀ ମହିମା ଧର୍ମର ଉନ୍ମେଷ ଘଟାଇଥିଲେ । ଏକ ନୂତନ ଧର୍ମର ପ୍ରତିଷ୍ଠା କରିଥିବାରୁ ଏବଂ ଧର୍ମର ନାମ ମହିମାଧର୍ମ ହୋଇଥିବାରୁ ପରବର୍ତ୍ତୀ ସମୟ ଠାରୁ ସେ ମହିମା ଗୋସାଇଁ ଭାବେ ପରିଚିତ ହୋଇଥିଲେ । ମହିମା ଧର୍ମ ହିଁ ବେଦାନ୍ତ ଦର୍ଶନ ବିଚାରରେ ମାନବ ଧର୍ମ । ଦିବ୍ୟ ଦୃଷ୍ଟିରେ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଉପାସନା, ଭାଷା, ବେଶଭୂଷାର ଭିନ୍ନତା ସତ୍ତ୍ୱେ ସକଳ ମାନବ ଏକ ପରମେଶ୍ୱରଙ୍କ ସନ୍ତାନ ବୋଲି ମହିମା ଧର୍ମର ପ୍ରତିଷ୍ଠା ମହିମା ସ୍ୱାମୀ ସାମାଜିକ ସଂସ୍କାରର ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟରେ କହିଥିଲେ ।

ମହିମା ସ୍ୱାମୀଙ୍କର ଗୋବିନ୍ଦ ବାବା ହେଉଛନ୍ତି ପ୍ରଥମ ଶିଷ୍ୟ । ଆଉ ପ୍ରମୁଖ ଶିଷ୍ୟ ହେଉଛନ୍ତି ସନ୍

ସହରାଞ୍ଚଳ କୃଷିର ସ୍ୱତନ୍ତ୍ର ଅବଦାନ : ରୁଫ୍‌ଟପ୍ ଗାର୍ଡ଼େନିଙ୍ଗ

ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ସମୟର ସାରାଂଶରେ ଜନସଂଖ୍ୟା ଏବେ ହୁ ହୁ ହୋଇ ବଢୁଛି । ଚାଷଜମି ସବୁ ପଡ଼ିଆ ହୋଇ ପଡ଼ିରହୁଛି । ଆଉ ବାକିତକ କାରଖାନାର କଳେବରରେ ଚାପିହୋଇଗଲେଣି । ଯେଉଁ ଚାଷଜମି ସଭ୍ୟତାର ଆଦ୍ୟ ଓଁକାର ଥିଲା ଆଜି ତାହା ନିସ୍ୱ ପାଲଟିଯାଇଛି । ବିଜ୍ଞାନର ଚକ୍ରବୃଦ୍ଧି ହାର ସହ କୃଷି ବି ଏବେ ଅବହେଳିତ । ପରିବେଶ ଆଜି ଶ୍ରୀହୀନ । ଯାହା ଦିନେ ସବୁଜିମାର ଆବରଣ ତଳେ ବେଶ ସତେଜ ହେଇ ଝଲସି ଉଠୁଥିଲା ଆଜି ସେସବୁ ମୁକ ପାଲଟିଯାଇଛି । କିନ୍ତୁ ସହରୀକରଣ ମଧ୍ୟରେ ଏବେ ମୁଣ୍ଡଟେକି ଉଠିଛି

ରୁଫଟପ୍ ଗାର୍ଡ଼େନିଙ୍ଗ । ଯାହା ପୁଣିଥରେ ସବୁଜମୟ ହେବାର ପରିକଳ୍ପନା ନେଇ ଘରର ଛାତ ଉପରେ ଶୋଭା ପାଉଛି । ଘର ଛାତ ତ ଶ୍ୟାମଳର ରଙ୍ଗରେ ଭିଜିଯାଉଛି ତା ସହ ମନ ଓ ଶରୀର ଏକ ଅଫୁରନ୍ତ ଆନନ୍ଦରେ ଆନନ୍ଦିତ ବି ହେଉଛି । ରୁଫଟପ୍ ଗାର୍ଡ଼େନିଙ୍ଗ- ଘର ଉପରେ ଆକର୍ଷଣୀୟ ଝଲକ ତଥା ମନଲୋଭା ସୌନ୍ଦର୍ଯ୍ୟ ସହ ବେଶ ଜୀବନ୍ତ ଲାଗୁଛି ।

ସମ୍ପ୍ରତି ଭାରତବର୍ଷରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସମସ୍ତଙ୍କ ପାଇଁ ଏକ ବିରାଟ ସମସ୍ୟା ସୃଷ୍ଟି କରିଛି । ଏପରିକି ଏହା ବିଶ୍ୱର ସମାଜିକ,ଅର୍ଥନୈତିକ ତଥା ପରିବେଶ ପାରିପାର୍ଶ୍ୱିକ ଅବସ୍ଥା ଉପରେ ମଧ୍ୟ ନାନାଦି ସମସ୍ୟା ଉପୁଜାଉଛି । ୧୯୯୬ ଜୁନ ମାସରେ ହୋଇଥିବା ଏକ ଅନ୍ତର୍ଜାତୀୟ କନଫେରେନ୍ସରେ ସହରାଂଚଳ କୃଷି ବା ଅର୍ବାନ ଏଗ୍ରିକଲଚର ମୁଖ୍ୟ ଏଜେଣ୍ଡା ଭବେ ସ୍ଥାନ ପାଇଥିଲା ।

ସହରାଂଚଳ କୃଷି କଣ ?

ସାଧାରଣତଃ ଗ୍ରାମାଂଚଳରେ କୃଷିକୁ ପ୍ରାଥମିକତା ଦିଆଯାଇଥାଏ । ପରନ୍ତୁ ଆଜିକାଲି ସହରରେ ମଧ୍ୟ କୃଷିର ଚାହିଦା ଢ଼େର ଅଧିକ । ସହରରେ କୃଷିର ଗୁରୁତ୍ୱକୁ ବଢ଼ାଇବା ପାଇଁ ଏବେ ସହରରେ ମଧ୍ୟ ବିଭିନ୍ନ ପ୍ରକାର ଉପାୟ ଆପଣାଇ କୃଷି କାର୍ଯ୍ୟ କରାଯାଉଛି । ଯେପରିକି ପାକଶାଳା ବଗିଚା , ରୁଫଟଫ ଗାର୍ଡ଼େନିଙ୍ଗ , ଭର୍ଟିକାଲ ଗାର୍ଡ଼େନିଙ୍ଗ ଇତ୍ୟାଦି । ସହର ମାନଙ୍କରେ କରାଯାଉଥିବାରୁ ଏହା ବିଶେଷ ଭାବରେ ପରିବେଶ ସନ୍ତୁଳନରେ ରକ୍ଷା କରିଥାଏ । ପ୍ରଥମତଃ ସହର ମାନଙ୍କରେ ସର୍ବାଧିକ ଅଦରକାରୀ ପଦାର୍ଥ , ବର୍ଜ୍ୟବସ୍ତୁ ତଥା ଜୈବିକ ବସ୍ତୁ ବାହାରିଥାଏ । ସହରାଂଚଳ କୃଷି ଏହିସବୁ ପଦାର୍ଥକୁ ଏକ ଭିନ୍ନ ପରିପାଟୀ ପ୍ରଦାନ କରି ନୂଆ ସମ୍ପଦ ସୃଷ୍ଟି କରିଥାଏ । ଯାହା ଫଳରେ ଜଳ ସଂରକ୍ଷଣ , ମୃତ୍ତିକା ସଂରକ୍ଷଣ ଠାରୁ ଆରମ୍ଭ କରି ଏହା ଏକ ସୁସ୍ଥ ଓ ସୁନ୍ଦର ପରିବେଶର ବାତାବରଣ ତିଆରି କରେ । ଏହା ମଣିଷକୁ ବଂଚିବାର ଏକ ନୂଆ ରାହା ଯୋଗାଉଛି କହିଲେ ବି ଅତ୍ୟୁକ୍ତି ହେବ ନାହିଁ ।

ରୁଫଟପ୍ ଗାର୍ଡ଼େନିଙ୍ଗ-

ଚାଷ ଜମିରେ ସବୁପ୍ରକାର ଫସଲ ଚାଷ କରାଯାଇଥାଏ । ଏକଥା ତ ସମସ୍ତଙ୍କୁ ଜଣା । କିନ୍ତୁ ଥରେ ଚିନ୍ତା କଲେ ଯଦି ସହରରେ ଘର କରି ରହୁଥିବେ , ଆଉ ଘର ଛାତ ଉପରେ ଭେଳିକି ଭେଳି ପନିପରିବା ଆଉ ଫୁଲଗଛ ଲାଗିଥିବ । ସଂନ୍ଧ୍ୟା ହେଲେ ମହମହ ପବନ ସହ ସେସବୁ ଖୁବ୍ ଆକର୍ଷଣୀୟ ଲାଗୁଥିବେ ,ଏହା ମନକୁ ଆନନ୍ଦିତ କରିବା ସହ ମାନସିକ ଶାନ୍ତି ପ୍ରଦାନ କରେ । ସେହି ପରିପ୍ରେକ୍ଷୀରେ ରୁଫଟପ୍‌ର ଆକ୍ଷରିକ ଅର୍ଥ ଛାତ ଉପର । ଅର୍ଥାତ ଏହା କୁହାଯାଇପାରେ ଘରର ଛାତ ଉପରେ ଜୈବିକ ଉପାୟରେ ବିଭିନ୍ନ ଫସଲ (ପନିପରିବା , ଫୁଲ , ଔଷଧୀୟ ଗଛ ଇତ୍ୟାଦି) ଚାଷ କରିବାର ପ୍ରଣାଳୀକୁ ରୁଫଟପ୍ ଗାର୍ଡ଼େନିଙ୍ଗ କୁହାଯାଏ ।

ରୁଫଟପ୍ ଗାର୍ଡ଼େନିଙ୍ଗ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ । କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ । ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ । ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ । ସବୁଠାରୁ ବଡ଼ କଥା ଏହା କି ରୁଫଟଫ ଗାର୍ଡ଼େନିଙ୍ଗ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ । ପରିବେଶକୁ ସୁରକ୍ଷିତ ରଖାଯାଇପାରିବ । ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ ।

ଉପକାରିତା -

-ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ ।

-ଘରର ଛାତକୁ ଯେକୌଣସି କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ ।

-ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ ।

-ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ ।

-ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ ।

-ଘର ଛାତ ଉପରେ ଥିବାରୁ ଉତ୍ସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ ।

ରୁଫଟପ୍ ଗାର୍ଡ଼େନିଙ୍ଗର ଯୋଜନା ପ୍ରସ୍ତୁତ-

ତେବେ ଘରର ଛାତ ଉପରେ ଏପରି କରିବା ପୁର୍ବରୁ ଆମକୁ ଏକ ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ।

-ପ୍ରଥମତଃ ରୁଫ ଗାର୍ଡ଼େନ କିପରି କରିବା ?

-କେଉଁ କେଉଁ ପନିପରିବା ତଥା ଫସଲ ଲଗେଇବାକୁ ଯୋଜନା କରିବା ।

- ମୃତ୍ତିକାର ସ୍ତର , ଡ୍ରେନେଜ ବ୍ୟବସ୍ଥା, ଜଳସେଚନର ସୁବିଧା - ଏସବୁ ଦିଗରେ ଧ୍ୟାନ ଦେବା ଆବଶ୍ୟକ ।

-ଫସଲ ଲଗେଇବା ପରଠୁ ଅମଳ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ । ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ । ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ । ମାଟିର ପିଏଚ୍ ଅନୁସାରେ ଫସଲ ମଧ୍ୟ ଭିନ୍ନ ଭିନ୍ନ ଚାଷ କରାଯାଏ । ଏମିତିକି କିଛି ଫସଲର ଦେଶୀ କିସମ ମଧ୍ୟ ଚାଷ କରାଯାଇପାରେ । ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ । ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ ।

ଖତସାର ପ୍ରୟୋଗ-

ବିଭିନ୍ନ ଫସଲ ମୃତ୍ତିକାର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ । ତେବେ ରୁଫଟପ୍ ଗାର୍ଡ଼େନିଙ୍ଗରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର । ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ । କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ । ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ । ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ । ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ । ଫଳରେ ଗଛଟି କମ୍ ଦିନରେ ମରିଯାଏ । ତେବେ [illegible] ଠିକ ଭାବେ [illegible] ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ । ସୁତରାଂ

ରୁଫଟପ୍ ଗାର୍ଡ଼େନିଙ୍ଗରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ । ତେବେ ଏଥିପାଇଁ ମୁଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ । ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ୍ୟ ବ୍ୟବହାର କରାଯାଏ ।

ରୁଫ୍‌ଟପ୍ ଗାର୍ଡ଼େନିଙ୍ଗ୍ ଗରେ ଜୈବିକ ଉପାୟରେ କୀଟ ଦମନ ପାଇଁ ଆମେ ଜୀବାମୃତ ଓ ନୀମାସ୍ତ୍ର କୁ ମଧ୍ୟ ବ୍ୟବହାର କରିପାରିବା ।

ଜୀବାମୃତ - ପ୍ରସ୍ତୁତି ପ୍ରଣାଳୀ- ୧୦୦୦ ଲିଟର ପାଣି, ୫୦ କିଗ୍ରା ଗୋବର, ୫୦ ଲିଟର ଗୋମୂତ୍ର, ୧୦-୧୨ କିଗ୍ରା ବେସନ, ୧୦-୧୨ କିଗ୍ରା ଗୁଡ, ଆଉ ଗଛ ମୂଳରୁ କିଛି ବାଲି (ଦୁଇ ହାତ) କିମ୍ବା (ଅନ୍ୟ ଯେକୌଣସି ପୁରୁଣା ଗଛର ମୂଳର ବାଲିକୁ ମଧ୍ୟ ବ୍ୟବହାର କରାଯାଇପାରେ) ।

ଏସବୁକୁ ଗୋଟିଏ ପାତ୍ରରେ ମିଶ୍ରଣକରି ଗୋଳାନ୍ତୁ ଓ ସୂର୍ଯ୍ୟାଲୋକଠାରୁ ଦୂରରେ ଅର୍ଥାତ ଛାଇ ଜାଗାରେ ରଖନ୍ତୁ । ୪ଦିନ ପର୍ଯ୍ୟନ୍ତ ପ୍ରତ୍ୟହଃ ୧୦ ମିନିଟ୍ ଲେଖା ଏ ମିଶ୍ରଣକୁ ଭଲଭାବେ ଘାଣ୍ଟିବା ଆବଶ୍ୟକ । ୧୦-୧୨ ଦିନ ପରେ ଏହା ବ୍ୟବହାର ଉପଯୋଗୀ ହୋଇଯାଏ । ଏହାପରେ ଆମେ ବଗିଚା କି ଚାଷ କ୍ଷେତରେ ବ୍ୟବହାର କରିପାରିବା ।

ନ୍ତ ଏହା ମାଟିର ଉର୍ବରତା ବଢାଇବା ସହ ମିତ୍ର ଜୀବାଣୁଙ୍କ ସଂଖ୍ୟା ବୃଦ୍ଧି କରେ ।

ନ୍ତ ଯେହେତୁ ୪-୫ ଦିନ ମଧ୍ୟରେ ଏହା ପ୍ରସ୍ତୁତ ହୋଇପାରେ, ତେଣୁ ଏହାକୁ ଅତି ସହଜରେ ଜମିରେ ବ୍ୟବହାର କରାଯଇପାରିବ ।

ନ୍ତଜୀବାମୃତର ବ୍ୟବହାର ମାଟିରେ ଜିଆର ସଂଖ୍ୟା ବୃଦ୍ଧି କରେ ଯାହା ମାଟିକୁ ହାଲୁକା କରିବା ସହ ଦଳଧାରଣା କ୍ଷମତା ବୃଦ୍ଧି କରେ ।

ନ୍ତ ଏହାକୁ ମଧ୍ୟ ଆମେ ସ୍ପ୍ରେ ଭାବେ ବ୍ୟବହାର କରିପାରିବା ।

ନୀମାସ୍ତ୍ର- ଜୈବିକ କୃଷି କ୍ଷେତ୍ରରେ ନୀମାସ୍ତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ରାସାୟନିକ କୀଟନାଶକ ପରିବର୍ତ୍ତେ ବ୍ୟବହାର କରାଯାଏ ।

ଆବଶ୍ୟକୀୟ ଉପାଦାନ -

ପାଣି-୧୦୦ ଲିଟର

ଗୋବର - ୫ କିଗ୍ରା

ଗୋମୂତ୍ର - ୫ ଲିଟର

ନିମ୍ବ ପତ୍ର - ୫ କିଗ୍ରା

ପ୍ରସ୍ତୁତି ପ୍ରଣାଳୀ - ୧୦୦ ଲିଟର ପାଣିରେ ୫ ଲିଟର ଗୋମୂତ୍ର ମିଶାଇଦିଅନ୍ତୁ । ଏହା ସହ ସେଥିରେ ୫କିଗ୍ରା ଗୋବରକୁ ବି ମିଶେଇଦିଅନ୍ତୁ । ପାଖରେ ଥିବା ୫କିଗ୍ରା ନିମ୍ବପତ୍ରକୁ ଗୁଣ୍ଡ କରନ୍ତୁ ଓ ଏହାକୁ ଉପରୋକ୍ତ ପାଣିରେ ମିଶାନ୍ତୁ । ଏହାକୁ ୨୪ ଘଣ୍ଟା ଯାଏଁ ରଖନ୍ତୁ । ଦିନକୁ ଦୁଇଥର ଲେଖାଏଁ ଘାଣ୍ଟନ୍ତୁ । ଶେଷରେ ଏହାକୁ ଛାଣି ବ୍ୟବହାର କରନ୍ତୁ ।

ରଖିବା ସ୍ଥାନ - ଏହି ଦ୍ରବଣକୁ ସବୁବେଳେ ସକାଳ ଓ ସନ୍ଧ୍ୟା ଦୁଇ ସମୟରେ ଘାଣ୍ଟିବା ଦରକାର । ଏହାକୁ ଏକ ଛାଇ ସ୍ଥାନରେ ରଖିବା ଆବଶ୍ୟକ । ମଶା , ମାଛି ନବସିବା ପାଇଁ ଏହାକୁ ଜାଲ ଦ୍ୱାରା ଘୋଡ଼େଇଦିଆଯାଏ ।

ପ୍ରୟୋଗ ସମୟ - ସକାଳ ୬ଟାରୁ ୮.୩୦ ଓ ସନ୍ଧ୍ୟା ୪ଟାରୁ ୬.୩୦

ଜଳସେଚନ- ଯେହେତୁ ଏହା ଆମ ଘରର ଛାତ ଉପରେ କରାଯାଇଥାଏ , ତେଣୁ ଆମେ ଏହି ରୁଫଟପ୍ ଗାର୍ଡ଼େନିଙ୍ଗର ଉପଯୁକ୍ତ ଯତ୍ନ ନେଇପାରିବା । ଏହା ବ୍ୟତୀତ ଆମେ କେତେବେଳେ ଗଛ ପାଣି ଆବଶ୍ୟକ କରୁଛି ତାହା ମଧ୍ୟ ଲକ୍ଷ୍ୟ କରିପାରିବା । ସୁତରାଂ ଜଳସେଚନ ପାଇଁ ଆମେ ବୁନ୍ଦା ଜଳସେଚନ ପ୍ରଣାଳୀ ଆପଣେଇପାରିବା । ଯାହା ଦ୍ୱାରା ପାଣି କମ ଖର୍ଚ୍ଚ ହେବା ସହ ଗଛର ଚେର ଠିକ ଭାବେ ପାଣି ପାଇପାରିଥାଏ ।

କିପରି ଯତ୍ନ ନେବେ-

-ବାଲୁଙ୍ଗା ତଥା ଗଛ ଭିତରେ ଅଦରକାରୀ ଗୁଳ୍ମ ଦେଖିଲେ ଏହାକୁ ଉପାଡ଼ିଦେବା ଉଚିତ୍ ।

-ଡ୍ରେନେଜ ସ୍ଥାନକୁ ପରିଷ୍କାର ପରିଚ୍ଛନ ରଖିବା ଆବଶ୍ୟକ ।

- ଜୈବିକ ଖତକୁ ବ୍ୟବହାର କରିବା ।

-ଠିକ୍ ସମୟରେ ପାଣି ଦେବା ଆବଶ୍ୟକ ।

-ରୋଗ ପୋକ ପରିଚାଳନା ସଠିକ ସମୟରେ କରାଯିବା ଦରକାର ।

-ସ୍ଥାନ ଚୟନ ଠୁ ଆରମ୍ଭ କରି ଅମଳ ଯାଏଁ ଏକ ଉପଯୁକ୍ତ ତାଲିକା ବା ଖସଡ଼ା ପ୍ରସ୍ତୁତ କରି ତଦାରଖ କରିବା ଆବଶ୍ୟକ ।

ଗାଁ ଚାଷ ଜମି ଭାରି ସୁନ୍ଦର , ଜୈବିକ କୃଷିର ଭାରି ଆଦର

ଆଲେଖ୍ୟ - ଡ଼ି ଶୁଭମ୍

ଚାଷ - ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ । ଆଉ ପୁଣି ଧରିତ୍ରୀମାତା ସହ ଏକ ମାର୍ମିକ ସମ୍ପର୍କ । ରାତି ପାହିଲେ ହାତରେ ଲଙ୍ଗଳ , କାନ୍ଧରେ ଗାମୁଛା ଆଉ ପଖାଳ ମୁଠେ ଖାଇଦେଇ ଆରମ୍ଭ ହୋଇଯାଏ ଚାଷର ପର୍ବ । ସତରେ ଏକ ମହାର୍ଘ୍ୟ ଅନୁଭୂତିର ଅବଲୋକନ । ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ଆଧୁନିକତାର ସ୍ପର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି । ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ । କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି , ସେକଥା ଜାଣି ନାହାନ୍ତି । ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ଜୈବିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ବି ପରମ୍ପରାଗତ କୃଷି ବିକାଶ ଯୋଜନା ଦ୍ୱାରା ଜୈବିକ କୃଷିକୁ ଲୋକପ୍ରିୟ କରାଯାଇପାରୁଛି । ୨୦୨୨ ସୁଦ୍ଧା ଚାଷୀର ଆୟକୁ ଦୁଇଗୁଣ କରିବାର ଲକ୍ଷ୍ୟ ଜୈବିକ କୃଷି ଦ୍ୱାରା ପୂରଣ କରାଯାଇପାରିବ । କମ ଖର୍ଚ୍ଚ , ସ୍ୱଳ୍ପ ସମୟ ଓ ଅଧିକ ଆୟର ମାଧ୍ୟମ ଏହି ଜୈବିକ କୃଷି ।

ଆସନ୍ତୁ ନଜର ପକେଇବା କେତୋଟି ପ୍ରମୁଖ ଜୈବିକ କୃଷିର ଉପାଦାନ ଉପରେ

ପଂଚଗବ୍ୟ-

ଆବଶ୍ୟକ ସାମଗ୍ରୀ- ଗୋବର, ଗୋମୂତ୍ର, ଦୁଗ୍ଧ, ଦଧି, ଘିଅ, ଗୁଡ଼, ପଚିଲା କଦଳୀ, ନଡ଼ିଆପାଣି ଏବଂ ପାଣି ।

ପ୍ରଣାଳୀ :

୭ କି.ଗ୍ରା ଗୋବରରେ ୧ କି.ଗ୍ରା ଗାଈ ଘିଅକୁ ସକାଳ କିମ୍ବା ସନ୍ଧ୍ୟା ସମୟରେ ଭଲଭାବେ ମିଶାଯାଇ ତାହାକୁ ୩ ଦିନ ପର୍ଯ୍ୟନ୍ତ ରଖାଯାଏ । ରଖିବା ପାଇଁ ମାଟିପାତ୍ର କିମ୍ବା ଟିଣ ପାତ୍ର କିମ୍ବା ପ୍ଲାଷ୍ଟିକ ପାତ୍ର ମଧ୍ୟ ବ୍ୟବହାର କରାଯାଇ ପାରିବ । ୩ ଦିନ ପରେ ସେଥିରେ ୧୦ ଲିଟର ଗୋମୂତ୍ର ଓ ୧୦ ଲିଟର ପାଣି ମିଶାଇ ୧୫ ଦିନ ପର୍ଯ୍ୟନ୍ତ ରଖାଯାଇଥାଏ । ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଏହାକୁ ଭଲଭାବରେ ଘାଣ୍ଟି ଦିଆଯାଏ । ୧୫ ଦିନ ପରେ ଏଥିରେ ଗୋ-ଦୁଗ୍ଧ ୩ ଲିଟର, ଦଧି ୩ ଲିଟର, ନଡ଼ିଆ ପାଣି ୩ ଲିଟର ଓ ଗୁଡ଼ ୩ କେ.ଜି. ଏବଂ ପଚିଲା କଦଳୀ ୧୨ଟି ଭଲଭାବରେ ମିଶାଯାଇ ୩୦ ଦିନ ପର୍ଯ୍ୟନ୍ତ ରଖାଯାଏ । ୩୦ ଦିନ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଏହାକୁ ଭଲ ଭାବରେ ଘାଣ୍ଟି ଦିଆଯାଇଥାଏ । ପଞ୍ଚଗବ୍ୟ ପ୍ରସ୍ତୁତି ପାଇଁ କେବଳ ଗୋଜାତ ଦ୍ରବ୍ୟ ହିଁ ବ୍ୟବହୃତ ହୋଇଥାଏ। ଜର୍ସିଗାଈ ଅପେକ୍ଷା ଦେଶୀଗାଈର ଜାତ ପଦାର୍ଥ ବ୍ୟବହାର କରାଗଲେ ଅଧିକ ସୁଫଳ ମିଳିଥାଏ ।

ପ୍ରୟୋଗ ବିଧି :

ପଞ୍ଚଗବ୍ୟକୁ ଆମେ ସବୁ ଚାଷ ପାଇଁ ବ୍ୟବହାର କରିପାରିବା । ପ୍ରତ୍ୟେକ ଶସ୍ୟ ପାଇଁ ପ୍ରାୟ ୩% ଦ୍ରବଣ ହିସାବରେ ବ୍ୟବହାର କରାଯାଏ । ପ୍ରତି ୧୦୦ ଲିଟର ପାଣିରେ ୩ ଲିଟର ପଞ୍ଚଗବ୍ୟ ମିଶାଇଲେ ଆମେ ୩% ପଞ୍ଚଗବ୍ୟ ଦ୍ରବଣ ପାଇ ପାରିବା । ୧୦ ଲିଟର କ୍ଷମତା ବିଶିଷ୍ଟ ସିଂଚନ ଟାଙ୍କିରେ ୩୦୦ ମି.ଲି. ହିସାବରେ ମିଶାଇ ପ୍ରୟୋଗ କରାଯାଇଥାଏ । ପ୍ରତି ଏକର ଜମିରେ ୨୦୦ ଲିଟରରୁ ୨୫୦ ଲିଟର ୩% ପଞ୍ଚଗବ୍ୟ ଦ୍ରବଣ ସିଂଚନ କରାଯାଇଥାଏ । ପ୍ରତି ଶସ୍ୟରେ ଆମେ ୨୦-୨୫ ଦିନ ବ୍ୟବଧାନରେ ଆମେ ପଞ୍ଚଗବ୍ୟ ଦ୍ରବଣ ପ୍ରୟୋଗ କରିପାରିବା । ସିଞ୍ଚନ ଯନ୍ତ୍ରରେ କିଛି ଅସୁବିଧା ସମ୍ମୁଖୀନ ନ ହେବାକୁ ପଞ୍ଚଗବ୍ୟକୁ ପ୍ରଥମେ ସୂତାକପଡ଼ାରେ ଛାଣି ଦିଆଯାଏ ଓ ଖଦଡ଼ା ପଦାର୍ଥକୁ ସିଧାସଳଖ ଭାବେ ଜମିରେ ଖତଭାବେ ବ୍ୟବହାର କରାଯାଏ । ୩% ପଞ୍ଚଗବ୍ୟ ଦ୍ରବଣରେ ମଧ୍ୟ ବିହନ ବିଶୋଧନ କରାଯାଇ ପାରିବ । ବିହନ ବୁଣିବା ପୂର୍ବରୁ ବିହନକୁ ୩୦ ମିନିଟ ପର୍ଯ୍ୟନ୍ତ ୩% ପଞ୍ଚଗବ୍ୟ ଦ୍ରବଣରେ ଭିଜାଇ ରଖିଲେ ବହୁତ ସୁଫଳ ମିଳିଥାଏ ।

ଆଜୋଲା : ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।

ଏହା ଏକପ୍ରକାର ଦଳ । ଏହାର ପତ୍ରଗୋଲରେ ନୀଳହରିତ ଶୈବାଳ ବାସ କରି ଯବକ୍ଷାରଜାନ ନିବନ୍ଧିତ କରେ । ଏହି ଦଳ ଖୁବ୍‌ଶୀଘ୍ର ବଂଶବିସ୍ତାର କରି ବଢିପାରେ । ଧାନ ରୋଇବା ପୂର୍ବରୁ ବା ବେଉଷଣ କରିବାର ୨/୩ ସପ୍ତାହ ଆଗରୁ ଜମିରେ ୪ଇଂଚ ଠିଆ ପାଣି ରଖି ଆଜୋଲା



ସ୍ୱର୍ଣ୍ଣମୟୀ ଝରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଭିକାରୀ ଓ ଭିନ୍ନକ୍ଷମମାନଙ୍କୁ ଶୀତବସ୍ତ୍ର ବଂଟନ

ଭୁବନେଶ୍ୱର (ପିଏନ୍)-ଗରିବ ଅସହାୟ ଲୋକମାନଙ୍କୁ ଶୀତର ପ୍ରକୋପରୁ ରକ୍ଷା କରିବା ପାଇଁ ସ୍ୱର୍ଣ୍ଣମୟୀ ଝରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆଜି ସକାଳ ୧୦ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ବିଗ୍ ବଜାର ଛକ, ରାମ ମନ୍ଦିର, ମଙ୍ଗଳା ମନ୍ଦିର ଏବଂ ରାସ୍ତା କଡରେ ବସିଥିବା ଭିକାରୀ ଓ ଭିନ୍ନକ୍ଷମମାନଙ୍କୁ ଟ୍ରଷ୍ଟର ଚେୟାରମ୍ୟାନ୍ ସ୍ୱର୍ଣ୍ଣମୟୀ ରାଉତଙ୍କ ଅଧ୍ୟକ୍ଷତାରେ କମ୍ବଳ, ଝଦର ଆଦି ବଂଟନ କରାଯାଇଛି ଏବଂ ଏଥିସହ ଟ୍ରଷ୍ଟର ସମ୍ପାଦିକା ପୁଷ୍ପିତା ସାହୁ, ସଂଜୟ ପରିଡା, ସେକ୍ ଆଜାଦ ଅଲ୍ଲୀ ଓ ଟ୍ରଷ୍ଟର ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡରେ ୪୬ହଜାର ୩ଶହ ୭୫ ପରିବାର ସାମିଲ

ଧର୍ମଶାଳା (ପିଏନ୍):ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଧର୍ମଶାଳା ବ୍ଲକର ୪୬ ହଜାର ୩ଶହ ୭୫ପରିବାରର ୧ଲକ୍ଷ ୮୧ହଜାର ୯୬୨ଜଣ ସାମିଲ ହୋଇଛନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡରେ ଯାଜପୁର ଜିଲ୍ଲା ଯୋଡିହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ସ୍ମାର୍ଟ କାର୍ଡ ବଂଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏନେଇ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଂଟନ କରାଯିବାର କାର୍ଯ୍ୟକ୍ରମ ରହିଥିଲା । ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଏଥିରେ ଯୋଗଦେଇ ଶହେଟି ପରିବାରକୁ ସ୍ମାର୍ଟ କାର୍ଡ ବଂଟନ କରିଥିଲେ । ପରେ ପର୍ଯ୍ୟାୟକ୍ରମେ ବ୍ଲକରେ ବିଭିନ୍ନ ପଂଚାୟତ କାର୍ଯ୍ୟାଳୟରେ ଏହି ସ୍ମାର୍ଟ କାର୍ଡ ବଂଟନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି । ଏହି ସ୍ମାର୍ଟ ହେଲଥ୍ କାର୍ଡରେ ମହିଳା ମାନଙ୍କ ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ରହିଥିବା ବେଳେ ପୁରୁଷମାନଙ୍କ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଉପଲବ୍ଧ ରହିଥିବା ଜଣାଯାଇଛି ।

ବିଜେଡିର ୨୫ ତମପ୍ରତିଷ୍ଠା ଦିବସ ପାଳିତ

ଝୁମ୍ପୁରା (ପିଏନ୍): ଝୁମ୍ପୁରା ବ୍ଲକ ମୁଖ୍ୟାଳୟ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ରବିବାର ଦିନ ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଝୁମ୍ପୁରା ବ୍ଲକ ବିଜେଡି ସଭାପତି ମହମ୍ମଦ କଫିଲ ଆନସାରୀ ଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଜିଲ୍ଲା ମହିଳା ସଭାପତି ରମଣୀ ନାଏକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏବଂ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା'ତାରିଣୀଙ୍କ ଫୋଟୋରେ ପୁଷ୍ପମାଲ୍ୟ ଅର୍ପଣ ସାଙ୍ଗକୁ ପ୍ରଦ୍ୟୀପ ପ୍ରଜ୍ଜଳନ କରି ଶ୍ରୀଫଳ ଭାଙ୍ଗିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସମ୍ପାଦକ ବିପିନ ବିହାରୀ ଆପଟ୍ଟ ସୁନ୍ଦର ଭାବେ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବେ ସାଂସଦ ଚନ୍ଦ୍ରାଣୀ ମୁର୍ମୁ ଯୋଗ ଦେଇଥିବା ବେଳେ, ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ରାଜ୍ୟ କୃଷକ ସେଲ ଉପସଭାପତି କାନନ ବିହାରୀ ପୋହି, ପର୍ଯ୍ୟବେକ୍ଷକ କିଶୋର ତରାଇ, ଜିଲ୍ଲା ସମ୍ପାଦକ ରାଧାଗୋବିନ୍ଦ ପଟ୍ଟାନାୟକ, ବ୍ଲକ ମହିଳା ସଭାପତି ନଳିନୀ ମହା', ବ୍ଲକ ଯୁବ ଉପ ସଭାପତି ଟୁନା ଗିରି, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ନାଏକ, ବ୍ଲକ ଛାତ୍ର ସଭାପତି ଭାଗିରଥି ପ୍ରଧାନ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବାବୁରାମ ନାଏକ, ଅକ୍ଷୟ ମହାକୁଡ, ଏସକେ ସଫିକ, ମହେନ୍ଦ୍ର ସାହୁ, ସୁଶାନ୍ତ ପ୍ରଧାନଙ୍କ ସମେତ ବହୁ ବରିଷ୍ଠ କର୍ମୀ ଉପସ୍ଥିତ ରହିଥିଲେ । ଦୀର୍ଘ ୨୫ ବର୍ଷ ଧରି ବହୁ ଘାତ ପ୍ରତିଘାତ ମଧ୍ୟରେ ବିଜେଡି ଭଳି ଏକ ଆଚଂଳିକ ଦଳକୁ ନେଇ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିଛନ୍ତି ବୋଲି ଅତିଥିଗଣ ମତବ୍ୟକ୍ତ କରିଥିବା ବେଳେ, ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର କହିଲେ ଆମ ପରିବାରର ମୁଖ୍ୟଆ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ତଥା ଦୃଢ ନେତୃତ୍ୱକୁ ଓଡିଶାବାସୀଙ୍କ ଭଲ ପାଇବା ଯୋଗୁଁ ଆଜି ଆମ ଦଳ ୨୫ ବର୍ଷରେ ଉପନୀତ । ଉକ୍ତ କାର୍ଯ୍ୟକ୍ରମରେ ମହିଳା ଚାଷୀ, କଳାକାର, ଯୁବ ସମାଜସବୀ, ଶିକ୍ଷାବିତ୍, ମହାମାରୀ କରୋନା ସମୟରେ ଉତମ ସେବା ଯୋଗାଇଥିବା ବ୍ୟକ୍ତିବିଶେଷଙ୍କୁ ଉତରୀୟ ସହିତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ସାଢେ ୪ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍ କାର୍ଯ୍ୟକ୍ରମ ମାଧ୍ୟରେ ସମ୍ବୋଧିତ କରିଥିଲେ । ଝୁମ୍ପୁରା ବ୍ଲକର ୨୨ ଗୋଟି ପଚାୟତରୁ ଉକ୍ତ କାର୍ଯ୍ୟକ୍ରମରେ ୨ହଜାର ରୁ ଉର୍ଦ୍ଧ୍ୱ ସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ଶେଷରେ ବ୍ଲକ ଯୁବ ସଭାପତି ହରିଭକ୍ତ କୁନା ଗିରି ଧନ୍ୟବାଦ ଅର୍ପଣ କରିଥିଲେ

ଭଣ୍ଡା କେ. ବି. ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚମ୍ପୁଆ,(ପି.ଏନ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା କେ. ବି. ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ହୃଦାନନ୍ଦ ମହାନ୍ତଙ୍କୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ତଥା ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରହଲ୍ଲାଦ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ଅତିଥି ବକ୍ତା ଭାବେ ଶିକ୍ଷକ ଦଶରଥ ମହାନ୍ତ, ଶେଖ୍ ଇଶ୍‌ହାକ୍, ପୂର୍ଣ୍ଣିମା ସାହୁ, ସୀମାରାଣୀ ନାୟକ, ହେମନ୍ତ ମହାନ୍ତ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ମହାନ୍ତଙ୍କ ସରଳତା, କର୍ତବ୍ୟପରାୟଣ, ସମୟାନୁବର୍ତିତା, ସହଯୋଗୀଙ୍କ ପ୍ରତି ସହଯୋଗିତା ଓ ବିଦ୍ୟାଳୟ ପ୍ରତି ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିଥିବା ଗୁଣ ତାଙ୍କର ସ୍ମରଣୀୟ ରହିବ ବୋଲି ସ୍ତୁତିଚାରଣ କରି ଅବସର ଜୀବନ ସୁଖମୟ ଏବଂ ଚଲାପଥ କୁସୁମିତ ହେଉ ବୋଲି କାମନା କରିଥିଲେ ।ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ମହାନ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଦିଗଦର୍ଶନ ଦେଇଥିଲେ । ଅନ୍ୟତମ ଅତିଥି ଶିକ୍ଷକ କାଶିଆ ବେହେରା, ବୈଲୋଚନ ମହାନ୍ତ, ଶିକ୍ଷୟିତ୍ରୀ ଗୀତାରାଣୀ ମହାନ୍ତ, ସାବିତ୍ରୀ ଦାସ, ଭୁବନାନନ୍ଦ ମହାନ୍ତଙ୍କ ସହିତ ଛାତ୍ରଛାତ୍ରୀ ମାନେ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ମହାନ୍ତଙ୍କୁ ମାନପତ୍ର, ଉତରୀୟ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।କାର୍ଯ୍ୟକ୍ରମରେ ଲେଖକ, ସଂଗଠକ ଡମ୍ବୁରୁ ମହାନ୍ତ, ସମାଜ ହକର୍ ବିଶ୍ୱନାଥ ମହାନ୍ତ, ରଞ୍ଜିତ ମହାନ୍ତ, ମା ମନ୍ନା ସ୍ୱଂୟ ସହାୟକ ଗୋଷ୍ଠୀର ସଦସ୍ୟା ବୃନ୍ଦ ସହିତ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବୃନ୍ଦ ଉପସ୍ଥିତ ରହି ସହଯୋଗ କରିବା ସହିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ଧ୍ୱଂସ ପାଉଛି ମୂଲ୍ୟବାନ ଜଙ୍ଗଲ, ସଙ୍କଟରେ ବନ୍ୟପ୍ରାଣୀ, ସଂରକ୍ଷିତ ଜଙ୍ଗଲ ଅଂଚଳରୁ ଲୁହାପଥର ଚୋରୀ, ଆରସିସିଏଫଙ୍କ ତାଗିଦ୍

କେନ୍ଦୁଝର (ପିଏନ୍): କେନ୍ଦୁଝର ଡିଭିଜନରେ ଆବଶ୍ୟକ ବନରକ୍ଷୀ ନଥିବାରୁ ମାଫିଆଙ୍କୁ ମୁକାବିଲା କରାଯାଇ ପାରୁନାହିଁ । ଏହି ଡିଭିଜନ ଅଧିନରେ ଥିବା ୭ଟି ମଧ୍ୟରୁ ୫ଟିରେ ଡେପୁଟି ରେଂଜର ଦାୟିତ୍ୱରେ ଅଛନ୍ତି । ଗୁରୁତ୍ୱପୂର୍ଣ୍ଣ ଚମ୍ପୁଆ ଏବଂ ବଡବିଲ ରେଂଜରେ ଜଣେ ଡେପୁଟି ରେଂଜର ଦାୟିତ୍ୱରେ ଅଛନ୍ତି । ସଂରକ୍ଷିତ ଜଙ୍ଗଲ ଅଂଚଳରୁ ଲୁହାପଥର ଚୋରୀ ହେଉଥିବାରୁ ଆରସିସିଏଫ ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ ରୋକିବା ପାଇଁ କଡା ପଦକ୍ଷେପ ନେବାକୁ ଡିଏଫଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବଡବିଲ ଓ ଚମ୍ପୁଆ ରେ ଅଞ୍ଚଳରୁ ନିୟମିତ ଭାବେ ଲୁହାପଥର ଏବଂ ମାଙ୍ଗାନିଜ ଚୋରା କାରବାର ହେଉଛି । ଏହାକୁ ରୋକିବାରେ ବନ ବିଭାଗ ଫେଲ ମାରିଛି । ୨୦୨୧-୨୨ ମସିହାରେ ବନ ବିଭାଗ ଚୋରା କାରବାରରେ ଲିପ୍ତ ଗାଡି ଧରିବାରେ ବିଶେଷ ସଫଳତା ପାଇନଥିବାରୁ ଆରସିସିଏଫ ଅରୁଣ ମିଶ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କେବଳ ଯେ ମୂଲ୍ୟବାନ ଲୁହାପଥର, ମାଙ୍ଗାନିଜ ଚୋରା ଚାଲାଣ ହେଉନାହିଁ ଏଥିଯୋଗୁଁ ବ୍ୟାପକ ଜଙ୍ଗଲ ନଷ୍ଟ ହେଉଛି । ବନ ବିଭାଗର ନିଷ୍କ୍ରିୟତା ସୁଯୋଗରେ ମାଫିଆମନେ ସକ୍ରୀୟ ହୋଇପଡିଛନ୍ତି । ମାଫିଆମାନେ ବହୁ ଜଙ୍ଗଲ ନଷ୍ଟ କରି ଚାଲିଥିଲେ ମଧ୍ୟ ଜଙ୍ଗଲ ବିଭାଗର କୌଣସି ଅଧିକାରୀ ଜାଣିନପାରିବା ଆଶ୍ଚର୍ଯ୍ୟର ବିଷୟ ହୋଇଛି । ସରକାର ଜଣେ ଡେପୁଟି ରେଂଜରଙ୍କ ହାତରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଟେକିଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ପରୋକ୍ଷରେ ମାଫିଆଙ୍କୁ ସୁହାଉଛି । କେନ୍ଦୁଝର ଜିଲ୍ଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବନ୍ୟପ୍ରାଣୀ ସଙ୍କଟ ଅବସ୍ଥାରେ । ଜଙ୍ଗଲ ପଦା ହେବାରୁ ଜନବସତି ମୁହାଁ ହୋଇ ମଣିଷଙ୍କ ଶିକାର ହୋଇ ବନ୍ୟପ୍ରାଣୀମାନେ ପ୍ରାଣ ହରାଉଛନ୍ତି । ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାପାଇଁ କର୍ମଚାରୀ ଅଭାବ, କାଠ ମାଫିଆ ଓ ଖଣି ମାଫିଆଙ୍କ ପ୍ରାଦୁର୍ଭାବ ମଧ୍ୟ ବଢି ଚାଲିଛି । ଯେଉଁଥି ପାଇଁ ବନ୍ୟପ୍ରାଣୀ ଲୋପ ହେବାରେ ଲାଗିଛନ୍ତି । ଶିକାରୀମାନେ ସ୍ୱଚ୍ଛନ୍ଦରେ ଜଙ୍ଗଲରେ ବୁଲୁଛନ୍ତି । ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ୪୦ବର୍ଷ ତଳେ କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନ ଗଠିତ ହୋଇଥିବା ବେଳେ ୨୦୦୩ ଅକ୍ଟୋବର ୧ରେ କେନ୍ଦୁଝର ବନଖଣ୍ଡ ଡିଭିଜନକୁ ଦୁଇଭାଗ କରି ନୂତନ ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ଗଠିତ ହୋଇଥିଲା । ଏହି ନୂତନ ଡିଭିଜନ ଅଧୀନରେ ଦୈତାରୀ, ଦେଓଗାଁ, ହଦଗଡ ହସ୍ତୀ ଅଭୟାରଣ୍ୟ ଏବଂ ଆନନ୍ଦପୁରରେ ରହିଛି । ସମୁଦାୟ ୯୬୮୨୪.୦୫୫୨ ହେକ୍ଟର ଜଙ୍ଗଲ ଅଂଚଳ ମଧ୍ୟରୁ ପ୍ରାୟ ୭୦୭୭୩ ହେକ୍ଟର ରିଜର୍ଭ ଜଙ୍ଗଲ ଓ ୨୧୪.୦୭ ହେକ୍ଟର ସୁରକ୍ଷିତ ରିଜର୍ଭ ଜଙ୍ଗଲ ରହିଛି । ଅବଶିଷ୍ଟ ରାଜସ୍ୱ ଗ୍ରାମ୍ୟ ଓ ଅନ୍ୟାନ୍ୟ ଶ୍ରେଣୀଭୁକ୍ତ ଜଙ୍ଗଲ ରହିଛି । ପ୍ରାୟ ୧୧,୦୦୦ ହେକ୍ଟର ପରିମିତ ହଦଗଡ ଅଭୟାରଣ୍ୟ ପଡୋଶୀ ମୟୁରଭ ଓ ଭଦ୍ରକ ଜିଲ୍ଲାର ସୀମାକୁ ଲାଗି ରହିଛି । ଏହା ବ୍ୟତୀତ ହଦଗଡ ଡ୍ୟାମ୍ ଏହି ଅଂଚଳରେ ରହିଛି । ଆନନ୍ଦପୁର ଅଧୀନରେ ଥିବା ୧୩,୦୦୦ ହେକ୍ଟର ପରିମିତ ବରାଙ୍ଗ ଜଙ୍ଗଲ ହରିଣଙ୍କ ଆଶ୍ରୟସ୍ଥଳୀ ହୋଇଛି । ଉକ୍ତ ଜଙ୍ଗଲରେ ପ୍ରାୟ ୧୦୦ ହରିଣ ରହିଥିବା କୁହାଯାଉଛି । ଉକ୍ତ ଜଙ୍ଗଲାଞ୍ଚଳକୁ ହରିଣ ଅଭୟାରଣ୍ୟ ଭାବେ ଘୋଷଣା କରିବାକୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାଁନ୍ତି । ଫଳରେ ହରିଣମାନେ ଜଙ୍ଗଲରୁ ବାହାରି ଗାଁ ମୁହାଁ ହୋଇ ବୁଲା କୁକୁରଙ୍କ ଆକ୍ରମଣରେ ମୃତ୍ୟୁବରଣ କରୁଛନ୍ତି । ପ୍ରତିବର୍ଷ ଏହିଭଳି ଦୁଇ ତିନୋଟି ହରିଣ ପ୍ରାଣ ହରାଉଛନ୍ତି । ସେହିପରି ହଦଗଡ ହସ୍ତୀ ଅଭୟାରଣ୍ୟ ମଧ୍ୟ କାଠ ଓ ପଥର ମାଫିଆଙ୍କ ଦ୍ୱାରା କବଳିତ । ଖଣିରେ ବ୍ଲାଷ୍ଟିଂ ଓ ଅଭୟାରଣ୍ୟ ସୀମାଞ୍ଚଳରେ ଖଣି ଖନନ ଯୋଗୁଁ ବନ୍ୟପ୍ରାଣୀ କ୍ଷତିଗ୍ରସ୍ତ ହେଉଛନ୍ତି । କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନ ପରିସରରେ ହାତୀମାନେ ଜଙ୍ଗଲରୁ ବାହାରି ଜନବସତି ଆଡକୁ ଆସି ଧାନ ଫସଲ ଖାଇବା ସହ ନଷ୍ଟ କରୁଛନ୍ତି । ହାତୀ ଚଲାପଥକୁ ସୁରକ୍ଷା ଦେବାରେ ବନ ବିଭାଗ ଫେଲ ମାରିଛି । ଖାଦ୍ୟ ଅଭାବରୁ ଦୈନନ୍ଦିନ ହାତୀ ପଲ ଗାଁ ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି । ହାତୀଙ୍କ ଖଶଦ୍ୟ ଜଙ୍ଗଲରେ କ୍ରମଶଃ ଲୋପ ପାଉଥିବାରୁ ହାତୀ ଖାଦ୍ୟ ଅନ୍ୱେଷଣରେ ଗାଁକୁ ଚାଲି ଆସୁଛନ୍ତି । ମଣିଷ ଓ ହାତୀ ମଧ୍ୟରେ ତିକ୍ତତା ବୃଦ୍ଧି ପାଇ ଉଭୟ ମୃତାହତ ହେଉଛନ୍ତି । ବନ ବିଭାଗ ଜଙ୍ଗଲ ସୁରକ୍ଷା ଦିଗରେ ପଦକ୍ଷେପ ନେଉନଥିବାରୁ ଦୀର୍ଘବର୍ଷର ବହୁ ସଂରକ୍ଷିତ ଜଙ୍ଗଲ ଧ୍ୱଂସ ଦିଗକୁ ଗତି କରୁଥିବାବେଳେ ଏଠାରେ ବସବାସ କରୁଥିବା ବିରଳ ପ୍ରଜାତିର ପଶୁ ଓ ପକ୍ଷୀଙ୍କ ଜୀବନ ସଂକଟଜନକ ଅବସ୍ଥା ସୃଷ୍ଟି ହୋଇଛି । ସଂରକ୍ଷିତ ଜଙ୍ଗଲମାନଙ୍କର ବହୁ ପୁରାତନ ଶାଳ, ପିଆଶାଳ, ଶିଶୁ, ଅସନ,ଗମ୍ଭାରୀ,ଆମ୍ବ,ପଣସ,ନିମ୍ବ ଆଦି କିସମର ବୃକ୍ଷ ଧରାଶାୟୀ ହେବା ସହ ଏହି ଜଙ୍ଗଲରେ ରହୁଥିବା ଜୈବ ମଣ୍ଡଳ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇଛି । ଜଙ୍ଗଲରେ ବୁଲୁଥିବା ଏବଂ କ୍ରମେ ଅବଲୁପ୍ତ ହେଉଥିବା ସୃଷ୍ଟିର ବିଶାଳକାୟ ପ୍ରାଣୀ ହାତୀମାନେ ମଧ୍ୟ ଏଠାରେ ପଡି ନିଜ ଜୀବନକୁ ବିପନ୍ନ ହେଉଥିବା କଥା ଅଭିଯୋଗ ହେଉଛି । ହାତୀ ଚଲାପଥ ସଙ୍କୁଚିତ ହେଲାଣି । ହାତୀ ଯାହା ଖାଏ ଏବେ ସେ ବୃକ୍ଷଲତା ପ୍ରାୟ ଦେଖିବାକୁ ମିଳୁନି । ହାତୀ ପେଟ ପୁରୁନଥିବାରୁ ଜନବସତିରେ ପଶୁଛି । ଫସଲ ନଷ୍ଟ କରୁଛି । ମଣିଷ ସହ ସଂଘର୍ଷର ଏହା ବଡ କାରଣ ବୋଲଇ ପରିବେଶବିତ୍ ଡକ୍ଟର ବିମ୍ବାଧର ବେହେରା କହିଛନ୍ତି । ପ୍ରତିଦିନ ହାତୀ ୧୫୦ କିଲୋଗ୍ରାମର ଖାଦ୍ୟ ଓ ୧୫୦ରୁ ୨୦୦ ଲିଟର ପାଣିର ଆବଶ୍ୟକତା କରିଥାଏ । ଓଡିଶାର ବିଭିନ୍ନ ଜଙ୍ଗଲରେ ଦେଖାଦେଉଥିବା ୧୩୮ ପ୍ରକାର ଗଛ ହାତୀଙ୍କ ପ୍ରମୁଖ ଖାଦ୍ୟ । ଯେଉଁଥିରେ କଣ୍ଟା ବାଉଁଶଠାରୁ ଆରମ୍ଭ କରି ଶିଆଳି, ବ୍ରାସିଲେଟର, କ୍ଲାଇମ୍ବର, ଅତୁଣ୍ଡି, ଆମ୍ବ, ଅଦା, ବାଉଁଶ, ବର, ଡିମିରି, ହାତୀ ଘାସ, ଗ୍ରାଉଣ୍ଡ ଲିଭଡ ଗ୍ରିଉରିଆ, ତେଲକୁର୍ମା, କଲାଡଚଣା, ଜାଇଷଣ୍ଡା, ଖଜୁରୀ, କାଶତଣ୍ଡି, ଶାଳ, ଝୁଡଙ୍ଗ, କଣ୍ଟାବଉଲ ଭଳି କିଛି ଗଛ ରହିଛି । ହେଲେ ନୂତନ ବନୀକରଣ ନାମରେ ଜଙ୍ଗଲ ବିଭାଗ ଏସବୁ ଗଛ ଲଗାଇବା ପରିବର୍ତ୍ତେ ଆକାଶିଆ, ଚାକୁଣ୍ଡା, ଟିକ୍, କାଜୁରିଆନ ଭଳି ପ୍ରଜାତିର ଗଛ ଲଗାଇ ନିଜର ଦାୟିତ୍ୱ ଶେଷ କରୁଛି । ଅପରପକ୍ଷରେ ବନ ବିଭାଗ ଶିଆଳି, ଦନ୍ତାରୀ, ଅଟେଣ୍ଡି ଓ ମାର୍ଦ୍ଦା ଭଳି ପ୍ରଜାତିର ଗଛ ବଢିବା ପାଇଁ ପ୍ରକୃତିକ ଭାବେ ବଢୁଥିବା ଗଛ, ଲତା, ଗୁଳ୍ମ ପ୍ରଜାତିର ଗଛଗୁଡିକୁ କାଟି ଦେଉଛି । ଯାହାକି ଖରା ଓ ଶୀତ ମାସରେ ହାତୀମାନଙ୍କ ଖାଦ୍ୟଭାବେ ବ୍ୟବହୃତ ହୋଇଥାଏ । ବିସ୍ତୃତ ଜଙ୍ଗଲ ଓ ବନ୍ୟପ୍ରାଣୀ ତଥା ପରିବେଶ ଜୈବ ମଣ୍ଡଳର ସୁରକ୍ଷା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଅଂଚଳବାସୀ ଦାବି କରିଛନ୍ତି ।

ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ

କେନ୍ଦୁଝର, (ପି.ଏନ): ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସାମାଜିକ ଚେତନାର ବାର୍ତାବହ ବୋଲି ଏଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିମାନଙ୍କର ବାର୍ଷିକ ସମ୍ମିଳନୀରେ ଅତିଥି ଓ ବକ୍ତାମାନଙ୍କର ମତବ୍ୟକ୍ତ କରିଛନ୍ତି । ଏତଦ୍ ବ୍ୟତୀତ ସମାଜର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର କର୍ମକର୍ତ

ମୋ ସହର

କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ମାମଲା

ଝାରସୁଗୁଡ଼ା/ଗଞ୍ଜାମ, (ପି.ଏନ): ଗୁଳିମାଡ଼ରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ଏଏସଆଇ ଗୋପାଳ ଦାସଙ୍କୁ ଗତକାଲି ୪ ଦିନିଆ ରିମାଣ୍ଡରେ ନେଇଛି କ୍ରାଇମବ୍ରାଂଚ । ଆଜି ରିମାଣ୍ଡର ଦ୍ୱିତୀୟ ଦିନରେ ହତ୍ୟାକାଣ୍ଡ ସମ୍ପର୍କରେ ଗୋପାଳଙ୍କୁ ପଚରା ଉଚରା ଜାରୀ ରଖିଛି କ୍ରାଇମବ୍ରାଂଚ । ହତ୍ୟାକାଣ୍ଡ ପଛର କାରଣ କ'ଣ । କ'ଣ ପାଇଁ ସେ ମନ୍ତ୍ରୀଙ୍କୁ ଗୁଳି କଲେ । ଏହା ପଛରେ ଅନ୍ୟ କାହାରି ସମ୍ପୃକ୍ତି ରହିଛି କି । ଆଦି ପ୍ରଶ୍ନର ଉତର ଖୋଜୁଛି କ୍ରାଇମବ୍ରାଂଚ । ସେହିପରି ପାଇଖାନା ଟାଙ୍କିରୁ ଅଭିଯୁକ୍ତ ଗୋପାଳର ହାତଲେଖା ଦସ୍ତାବିଜ ଉଦ୍ଧାର ହୋଇଛି । ଏଥିରୁ ମଧ୍ୟ କିଛି ତଥ୍ୟ ମିଳିପାରେ । ଗତକାଲି ବିଳମ୍ବିତ ରାତିରେ କ୍ରାଇମବ୍ରାଂଚ ଉପସ୍ଥିତିରେ ଝାରସୁଗୁଡ଼ା ବିମାନ ବନ୍ଦର ଥାନା ପରିସରରେ ଥିବା ଏହି ଲାଟିନ୍ ଟାଙ୍କି ସଫା କରାଯାଇ ଛାନଭିନ୍ କରାଯାଇଛି। ଏହି ପାଇଖାନା ଟାଙ୍କିରୁ ୧୨ ଖଣ୍ଡ କାଗଜ ଟୁକୁଡ଼ା ପାଇଛି କ୍ରାଇମବ୍ରାଂଚ । ଏହି କାଗଜରେ ନାଲି ରଙ୍ଗରେ ଇଂରାଜୀ ଓ ଓଡ଼ିଆରେ କିଛି ଲେଖାଥିବା ସୂଚନା ମିଳିଛି । ମିଳିଥିବା ଏହି କାଗଜ ଟୁଗୁଡ଼ା ଗୋପାଳର ବୋଲି ଜଣାପଡିଛି । ହତ୍ୟାକାଣ୍ଡ ଦିନ ଗୋପାଳକୁ ଝାରସୁଗୁଡ଼ାଏୟାରପୋର୍ଟ ଥାନାରେ ଅଟକ ରଖାଯାଇଥିଲା । ଥାନାରେ ଥିବା ବେଳେ ସେ ପାଇଖାନା ଯାଇ କାଗଜକୁ ଫ୍ଲସ୍ କରି ଦେଇଥିଲା । ଜେରା ବେଳେ କାଗଜ କଥା ଜଣାପଡିବା ପରେ ଏହି କାଗଜକୁ ଖୋଜୁଥିଲା କ୍ରାଇମବ୍ରାଂଚ । ଆଜି ରିମାଣ୍ଡର ଦ୍ୱିତୀୟ ଦିନରେ କଡ଼ା ସୁରକ୍ଷା ମଧ୍ୟରେ ଅଭିଯୁକ୍ତ ଗୋପାଳକୁ ଝାରସୁଗୁଡ଼ା ଏୟାରପୋର୍ଟ ଥାନା ପରିସରକୁ ନେଇଥିଲା ପୋଲିସ । ତେବେ ଖୁବ୍ କମ୍ ସମୟ ମଧ୍ୟରେ ସେଠାରୁ ଅନ୍ୟତ୍ର ନେଇଥିବା ଜଣାପଡିଛି । କ୍ରାଇମବ୍ରାଂଚର ଅନ୍ୟ ଏକ ଟିମ୍ ଗତ ଦୁଇ ଦିନ ହେଲା ଗୋପାଳଙ୍କ ବ୍ରହ୍ମପୁର ସ୍ଥିତ ଘରେ ପହଂଚି ପରିବାର ଲୋକଙ୍କୁ ଏ ସମ୍ପର୍କରେ ପଚରା ଉଚରା ଜାରୀ ରଖିଛି।

ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡେବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ ।

୨୫ତମ ସ୍ୱନକ୍ଷତ୍ର ଦିବସ ଅଭିନନ୍ଦନ

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Saturday February 04, 2023 ଭୁବନେଶ୍ୱର ଶନିବାର, ଫେବୃଆରୀ ୦୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

କିଟ୍ କାର୍ନିଭାଲ୍ ଉଦ୍‌ଘାଟିତ : ମନ ମୋହୁଛି କିସ୍ ପରିସର

ଭୁବନେଶ୍ୱର, ୩।୨(ପି.ଏନ): କିଟ୍‌ର ୨୫ବର୍ଷ ପୂର୍ତ୍ତି ରୌପ୍ୟ ଜୟନ୍ତୀ ଅବସରରେ ଗତ ନଭେମ୍ବର ୧୬ଠାରୁ ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ କିଟ୍‌ରେ ରୌପ୍ୟ ଜୟନ୍ତୀ ପାଳିତ ହେଉଛି । ଏହି ପରିପ୍ରେକ୍ଷୀରେ ଆଜି କିଟ୍ ସିଲଭର୍ କାର୍ନିଭାଲ୍ ଉଦ୍‌ଘାଟିତ ହୋଇଯାଇଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସିଲ୍‌ଭର କାର୍ନିଭାଲ୍‌କୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ, ଉପକୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ଶିକ୍ଷାନୁଷ୍ଠାନ ସମୂହର ବରିଷ୍ଠ ପଦାଧିକାରୀ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଏହି ସିଲ୍‌ଭର କାର୍ନିଭାଲ୍ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏଥିପାଇଁ ରଙ୍ଗ ବେରଙ୍ଗ ଆଲୋକମାଳାରେ ସଜେଇ ହୋଇଛି କିଟ୍ ଶିକ୍ଷାନୁଷ୍ଠାନ ସମୂହର ସମସ୍ତ କ୍ୟାମ୍ପସ । ଦିନବେଳା ରଙ୍ଗ ବେରଙ୍ଗର ଫୁଲ ଓ ସବୁଜିମା ସାଂଗକୁ ରାତିର ଆଲୋକମାଳା କିଟ୍ କ୍ୟାମ୍ପସ୍‌କୁ ଉତ୍ସବମୁଖର କରିଛି । କିଟ୍ ସିଲ୍‌ଭର୍ କାର୍ନିଭାଲ୍ ଅବସରରେ ପ୍ରତିଦିନ ବିଭିନ୍ନ କ୍ୟାମ୍ପସ୍‌ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଖ୍ୟାତି ସମ୍ପନ୍ନ କଣ୍ଠଶିଳ୍ପୀ ଓ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ନାହିଁ ନଥିବା ଉଲ୍ଲାସ ଦେଖାଦେଇଛି ।

୨୬ତମ ଦୋଳ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗୀର, (ପି.ଏନ): ସ୍ଥାନୀୟ ଯାଦବ ଭବନ ଠାରେ ପୌରାଂଚଳ ଯାଦବ ମହାସଭା ତରଫରୁ ୨୬ତମ ଦୋଳ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସାଂସ୍କୃତିକ କମିଟିର ଆବାହକ କ୍ରମେ ପ୍ରଶାନ୍ତ ମହାକୁଡ଼ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାର୍ଚ୍ଚ ୭ ରେ ହେବାକୁ ଥିବା ଦୋଳ ମହୋତ୍ସବ ରେ ଗୋଉଡ ଜାତିର ବାଡି ଖେଳ, କଳଙ୍ଗା ନୃତ୍ୟ ଓ ସଂକୀର୍ତ୍ତନ ଦଳ ଶୋଭାଯାତ୍ରାରେ ସାମିଲ କରାଯିବ ବୋଲି ନିଷ୍ପତି ହୋଇଛି । ଏହି ବୈଠକରେ ପୌରାଂଚଳ ସଭାପତି ପଙ୍କଜ ସେଲମା, କାର୍ଯ୍ୟକାରି ସଭାପତି ଖରତ୍ କୁମାର ରାଉତ, ଉପଦେଷ୍ଟା ଦୁତି ବାହାନ ଚନ୍ଦନ, କିଶୋର ଜାଲ, ରଥଚନ୍ଦ୍ର ଭୋଇ, ସଂନ୍ଦୀପ ବାଗ, ଜୟଦେବ ଜାଲ, ଦିଲିପ ବାଗ, ଘାସିରାମ ଦୀପ, ଆକୁଳ ବଗର୍ତି, ସାନ ଜାଲ ଉପସ୍ଥିତ ଥିଲେ ।

ମହାତ୍ମାଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା : ଶ୍ରମିକଙ୍କ ବଦଳରେ ମେସିନ କରୁଛି କାମ

ନୟାଗଡ଼/ରଣପୁର,(ପି.ଏନ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ରେ କିଛି ସରକାରୀ ବାବୁ ମାନଙ୍କର ଚାଲିଛି ମନମୁଖି କାର୍ଯ୍ୟ ।ଖୋଲା ଖୋଲି ଉଲଙ୍ଘନ କରୁଛନ୍ତି ସରକାରୀ ନୀତି ନିୟମ... ଠିକାଦାର ମାନଙ୍କ ଠାରୁ ମୋଟା ଅଙ୍କର ମାଲପାଇ ପ୍ରଶାସନିକ ଅଧିକାରୀମାନେ ଜାଣିଶୁଣି ନଜାଣିବାର ଅଭିନୟ କରୁଥିବା ଅଭିଯୋଗ ହେଉଛି । ମହାତ୍ମାଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ଅଧିନରେ ବିଭିନ୍ନ ପଞ୍ଚାୟତରେ ଚାଲିଥିବା କାମକୁ ଶ୍ରମିକ ମାନଙ୍କ ଦ୍ୱାରା କରାନଯାଇ ଜେ ସି ବି ମେସିନ୍ ମାଧ୍ୟମରେ କରାଯାଉଛି । ବିଭାଗୀୟ ଅଧିକାରୀ ଙ୍କୁ ଫୋନ୍ ଯୋଗେ ଯୋଗାଯୋଗ ହୋଇଥିଲେ ମଧ୍ୟ ସେମହାଶୟ କିଛି ଜାଣି ନାହାନ୍ତି ମୁଁ ଦେଖିଲେ କହିବି କହି ଫୋନ୍ କାଟିଦେଇଥିଲେ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରଣପୁର ବ୍ଲକ୍ ଅନ୍ତର୍ଗତ ବୃନ୍ଦାବନ ପୁର ଗ୍ରାମ ପଞ୍ଚାୟତରେ । ସୁଚନା ମୁତାବକ ମାହାତ୍ମାଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ଅଧିନରେ ବୃନ୍ଦାବନପୁର ଗ୍ରାମକୁ ଆସିଥିବା କାର୍ଯ୍ୟାଦଶ ର ନାମ 'ସ୍କୁଲ ପୋଖରୀ ପାଖ ଖେଳ ପଡିଆ ନିର୍ମାଣ ' ଆର୍ଥିକ ବର୍ଷ ୨୦୨୨/୨୦୨୩ କାର୍ଯ୍ୟ ନିର୍ବାହୀ ସଂସ୍ଥା ବୃନ୍ଦାବନ ପୁର ଗ୍ରାମ ପଞ୍ଚାୟତ । ଅନୁଦାନ ରାଶି ପାଞ୍ଚଲକ୍ଷ ।ଏହି କାର୍ଯ୍ୟ ଟିକୁ ଶ୍ରମିକ ମାନଙ୍କ ଦ୍ୱାରା କରାନଯାଇ ସରକାରୀ ନିୟମ ଉଲଙ୍ଘନ କରି ପ୍ରସାଶନିକ ଅଧିକାରୀ ଙ୍କୁ ହାତକରି ଜେସିବି ଟ୍ରାକ୍ଟର ସାହାଯ୍ୟରେ ଦିନ ଦ୍ୱିପହରରେ କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳିଛି । ଯାହା ଫଳରେ କାମ ଧନ୍ଦା ନପାଇ ଆମ ରାଜ୍ୟର ଶ୍ରମିକ ମାନେ ସୁରାଟ ଗୁଜୁରାଟ ଭଳି ବାହାର ରାଜ୍ୟକୁ ଦାଦନ ଖଟି ପେଟ ପୋଷିବା ପାଇଁ ଯାଉଛନ୍ତି । ଏଠାରେ ସାଧାରଣ ରେ ପ୍ରଶ୍ନ ଉଠିଛି ? ସରକାର ଙ୍କ ଏହି ଯୋଜନାରେ ଲୋକମାନଙ୍କୁ ଛାଡି କାମ ସବୁ ମେସିନ୍ ଟ୍ରାକ୍ଟର ମାଧ୍ୟମରେ କରାଯାଉଛି ଯାହା ଜବ କାର୍ଡଧାରୀ ମାନେ କରିବାକଥା ହେଲେ, ? ପ୍ରସାଶନିକ ଅଧିକାରୀ ମାନେ ଜାଣି ପାରୁନାହାନ୍ତି କେମିତି ? ନା ଜାଣି ଶୁଣି କରାଉଛନ୍ତି କାମ,, ପାଉଛନ୍ତି କି ? ମୋଟା ଅଙ୍କର ମାଲ,,,। ତେଣୁ ଏହାର ଉପଯୁକ୍ତ ତଦନ୍ତ କରାଯିବା ସହିତ ଲୋକମାନଙ୍କ କାମ ଜେସିବ ମେସିନ୍ ମାଧ୍ୟମରେ କରାନଯାଇ ଲୋକମାନଙ୍କ ଦ୍ୱାରା କରିବା ପାଇଁ ଅଭିଯୋଗ କରିଛନ୍ତି ।

ଓଡିଶା ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଶିକ୍ଷକ ସଂଘର ସାଧାରଣ ଅଧିବେଶନ ଓ ନିର୍ବାଚନୀ ସଭା

ବଲାଙ୍ଗୀର, (ପି.ଏନ): ଓଡିଶା ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଶିକ୍ଷକ ସଂଘର ସାଧାରଣ ଅଧିବେଶନ ଏବଂ ନିର୍ବାଚନୀ ସଭା ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ବଲାଙ୍ଗିର ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସଭାରେ ଓଡିଶାର ସମସ୍ତ ତିନି ଗୋଟି ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟର ଶିକ୍ଷକମାନେ ଉପସ୍ଥିତ ଥିଲେ ଏବଂ ସଭାଟି ବଲାଙ୍ଗିର ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭାର ପ୍ରଥମାର୍ଦ୍ଧର ପୂର୍ବତନ ସଂଘର ସଭାପତି ପ୍ରଫେସର ସୀମାଦ୍ରୀ ଭୂଷଣ ନାୟକ ଏବଂ ସାଧାରଣ ସଂପାଦକ ପ୍ରଫେସର ଶିବବ୍ରତ ବେହେରା ବିଗତ ସଂଘର କାର୍ଯ୍ୟବଳି ବିଷୟରେ ଆଲୋକପାତ କରିଥିଲେ ଏବଂ ଦ୍ୱିତିୟାର୍ଦ୍ଧରେ ସଂଘର ନୂତନ କାର୍ଯ୍ୟକର୍ତା ନିର୍ବାଚନ ହୋଇଥିଲା । ନୂତନ କର୍ମକର୍ତା ଭାବରେ ଡା. ସ୍ୱପ୍ନା ସ୍ୱୟଂପ୍ରଭା ସଭାପତି, ଡା. ଶିବ ପ୍ରସାଦ ରାଉତ ଉପ-ସଭାପତି, ଡା. ସୁଶାନ୍ତ କୁମାର ମେହେର ସାଧାରଣ ସଂପାଦକ, ଡା. ଚନ୍ଦନ କୁମାର ସାହୁ ସହକାରୀ ସାଧାରଣ ସଂପାଦକ, ଡା. ଗଣେଶ କୁମାର ମେହେର କୋଷାଧ୍ୟକ୍ଷ ତଥା ଅନ୍ୟ କର୍ମକର୍ତା ନିର୍ବାଚିତ ହୋଇଥିଲେ । ନବ ନିର୍ବାଚିତ ସଭାପତି ଏବଂ ସାଧାରଣ ସଂପାଦକ ସଂଘର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ । ଶିକ୍ଷକମାନଙ୍କର ସମସ୍ୟା ଗୁଡିକ ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମନ୍ତବ୍ୟ ଦେଇଥିଲେ । ଶେଷରେ ଡାକ୍ତର ଲିପ୍ ?ସା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସଭା ସାଂଗ ହୋଇଥିଲା ।

ଦୁଇ ବାଇକ ମୁହାଁମୁହିଁ, ଜଣେ ଗୁରୁତର

ବଲାଣି, ଫେବୃଆରୀ, (ପି.ଏନ): ଦୁଇ ବାଇକ ମୁହାଁମୁହିଁ ଦୁର୍ଘଟଣା ଫଳରେ ଜଣେ ବ୍ୟବସାୟୀ ଗୁରତର ହୋଇ ପଡିଛନ୍ତି । ସୂଚନାନୁସାରେ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ସମୟରେ ଡବ୍ଲୁ ହଟିଂ ଛକ ଓଭର ବ୍ରିଜ ନିକଟରେ ବଲାଣି ଅଂଚଳର ବ୍ୟବସାୟୀ ପ୍ରତାପ ରାଉତ ତାଙ୍କର ଜଣେ ସମ୍ପର୍କୀୟ ସହିତ ବଡ଼ବିଲ ଯାଉଥିବା ବେଳେ ବିପରୀତ ଦିଗରୁ ଭୁଲ ପାର୍ଶ୍ୱ ରେ ଆସି ସମ୍ମାରୁ ଅନ୍ୟ ଜଣେ ବାଇକ ଧକ୍କା ଦେଇଥିଲେ । ଦୁର୍ଘଟଣାରେ ବ୍ୟବସାୟୀ ପ୍ରତାପ ରାଉତ ଗୁରୁତର ଆହତ ହୋଇଥିବାବେଳେ ତାଙ୍କ ସମ୍ପର୍କୀୟ ସାମାନ୍ୟ ଆହତ ହୋଇଛନ୍ତି ତେବେ ଭୁଲ ପର୍ଶ୍ୱରୁ ଆସି ଦୁର୍ଘଟଣା ଘଟାଇଥିବା ଯୁବକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି । ସ୍ଥାନୀୟ ଲୋକେ ଗୁରୁତରଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତି କରିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର କଟକ ସ୍ଥାନାନ୍ତରିତ କରିଥିଲେ । ତେବେ ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ଅନୁସାରେ ଦୁର୍ଘଟଣା ଘଟାଇଥିବା ବାଇକରେ ୩ ଜଣ ବସିଥିବାବେଳେ ସମସ୍ତେ ମଦ୍ୟପାନ କରି ବେପରୁଆ ଭାବରେ ଗାଡି ଚାଳନା କରୁଥିଲେ ବୋଲି ଅଭିଯୋଗ ହୋଇଛି । ଏ ନେଇ ଗୁରୁତର ଆହତ ପରିବାର ପକ୍ଷରୁ ବଲାଣି ଥାନାରେ ଲିଖିତ ଅଭିଯୋଗ କରିବା ସହିତ ବଲାଣି ବଜାର କମିଟିର ସଭାପତି ଶ୍ରୀନିବାସ ପଣ୍ଡାଙ୍କ ନେତୃତ୍ୱରେ ୪୦ରୁ ଉର୍ଦ୍ଧ୍ୱ ସ୍ଥାନୀୟ ବ୍ୟବସାୟୀ ଥାନାରେ ପହଂଚି ନିୟମିତ ଭାବରେ ବେପରୁଆ ଗାଡି ଚାଳନା, ନାବାଳକଙ୍କ ଦ୍ୱାରା ଗାଡି ଚାଳନା ଯୋଗୁଁ ଘଟୁଥିବା ଦୁର୍ଘଟଣା ରୋକିବା ନିମନ୍ତେ ସ୍ଥାନୀୟ ପୋଲିସ ଦ୍ୱାରା କଡାକଡି ଯାଂଚ ଓ ପେଟ୍ରୋଲିଂ କରିବାକୁ ଦାବି କରିଛନ୍ତି ।

ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ

ଝାରସୁଗୁଡ଼ା, (ପି.ଏନ): ଜିଲ୍ଲାରେ ଚାଲୁରହିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଅନ୍ତର୍ଗତ ପ୍ରକଳ୍ପ କାର୍ଯ୍ୟଗୁଡ଼ିକ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ପରିଷଦ ସଦଭାବନା ଗୃହରେ ଆଜି ଅନୁଷ୍ଠିତ ବୈଠକରେ ଜିଲ୍ଲାର ସମସ୍ତ ପୌର ପରିଷଦ ଓ ପଂଚାୟତ ସମିତି ଅଂଚଳରେ ଚାଲୁରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ର ଅଗ୍ରଗତି ସମୀକ୍ଷା ଅବସରରେ ଜିଲ୍ଲାପାଳ ସରୋଜ କୁମାର ସାମଲ ସମସ୍ତ ପୋ ?ର ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୌରାଂଚଳରେ ପକ୍କା ସଡ଼କ ନିର୍ମାଣ, ଷ୍ଟ୍ରିଟ ଲାଇଟ , ନାଳ, ବସ୍ତି ଅଂଚଳ ଉନ୍ନୟନ ସହ ଘରୋଇ ପାଇଖାନା ନିର୍ମାଣ ଓ ବିଦ୍ୟୁତ ସଂଯୋଗ ଏବଂ ପାନୀୟ ଜଳ ଯୋଗାଣ ସ୍ଥିତି ସମୀକ୍ଷା କରିଥିଲେ । ସେହିପରି ସହର ମାନଙ୍କରେ ଥିବା ରାସ୍ତା, ଖାଲି ଥିବା ସ୍ଥାନମାନଙ୍କରେ ବିକାଶ ,ରାଜସ୍ୱ ଆଦାୟ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଂଚଳ)ଓ ମୁକ୍ତା (ମୁଖ୍ୟମନ୍ତ୍ରୀ କର୍ମ ତତ୍ପରତା ଅଭିଯାନ)ରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପଚାରି ବୁଝିବା ସହ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ । ଜାତୀୟ ସହରାଂଚଳ ଜୀବିକା ମିଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସହାୟତା , ବ୍ୟାଙ୍କ ଲିଂକେଜ ଆଦି ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପଲିଥିନ ବ୍ୟବହାର ନିଷିଦ୍ଧ ପାଇଁ ନିୟମିତ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବ୍ଲକମାନଙ୍କରେ ଚାଲୁରହିଥିବା ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଗୁଡ଼ିକର ମଧ୍ୟ ସମୀକ୍ଷା କରାଯାଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମାଂଚଳ), ଗୃହ ଯୋଗାଣ ଆଦିର ସମୀକ୍ଷା କରି ଯୋଜନା ଅନ୍ତର୍ଗତ ଗୃହ ନିର୍ମାଣ କେଉଁ ସ୍ଥିତିରେ ଅଛି ବୁଝିବା ସହ ସମସ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଫାଇଭ୍-ଟି ଅନ୍ତର୍ଗତ ସ୍କୁଲ ଗୁଡିକରେ ସ୍ମାର୍ଟ କ୍ଲାସ , ଇ ଲାଇବ୍ରେରୀ , ପାଇଖାନା ନିର୍ମାଣ ଆଦି କାର୍ଯ୍ୟର ସମୀକ୍ଷା କରିଥିଲେ । ଅଙ୍ଗନବାଡ଼ି କେନ୍ଦ୍ର ଓ ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ କହିଥିଲେ । ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ପ୍ରବନ୍ଧକ ନିର୍ଦ୍ଦେଶକ ଆଲୋମଣୀ ସେଠୀ, ସମସ୍ତ ପୋ ?ର ଅଧିକାରୀ ଓ ଗୋଷ୍ଠୀ ଅଧିକାରୀଙ୍କ ସମେତ ସମ୍ପୃକ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ବାଲିପାଟଣା :ଶିଶୁ ଅନନ୍ତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ପାଠଚକ୍ର ଅନୁଷ୍ଠିତ

ବାଲିପାଟଣା,(ପି.ଏନ): ବାଲିପାଟଣା ଶିଶୁ ଅନନ୍ତ ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଫେସର ନିମାଇଁ ଚରଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନ ବୈଜ୍ଞାନିକ ଡଃ ସତ୍ୟନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ "ରୋଗ ପ୍ରତିରୋଧ ପ୍ରଦର୍ଶନର ଆଧୁନିକ ଧାରା" ପାଠଚକ୍ର ବିଷୟରେ ଆଲୋକପାତ କରିଥିଲେ । ପ୍ରାଧ୍ୟାପିକା ମାନସୀ ଷଡ଼ଙ୍ଗୀ ,ସମର୍ପିତା ଷଡ଼ଙ୍ଗୀ , ପ୍ରାଧ୍ୟାପିକ ବିଜୟ କୁମାର ଶତପଥୀ , ଅରୁଣ କୁମାର ରଥ ପ୍ରମୁଖ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିବା ସ ?ହ ପାଠଚକ୍ର ପରିଚାଳନାରେ ସହଯୋଗ କରିଥିଲେ । ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ତରୁଣ କାନ୍ତ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଅନ୍ନପୂର୍ଣ୍ଣା ଶତପଥୀଙ୍କ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପାଠଚକ୍ରରେ ବିଭାଗୀୟ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray